Bhubaneswar- 27 June 2026
ଭୁବନେଶ୍ୱର- ୨୭ ଜୁନ୍ ୨୦୨୬
Vol- 1 Issue - 61
ଭାଗ- ୧ ସଂଖ୍ୟା- ୬୧
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA







### ରାଜ୍ୟ ସରକାରଙ୍କ କଡ଼ା ଆକ୍ସନ

# ପାଠ୍ୟପୁସ୍ତକ ତ୍ରୁଟି : ୪ ନିଲମ୍ବିତ

- ୬ଜଣଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ
- ୧୪ଟି ଗୁରୁତ୍ୱପୂର୍ଣ୍ଣ ସୁପାରିଶକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି



**ଭୁବନେଶ୍ୱର:** ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଠ୍ୟପୁସ୍ତକରେ ଦୁଇହଜାରରୁ ଅଧିକ ତ୍ରୁଟି ମାମଲାରେ ରାଜ୍ୟ ସରକାର ଆଜି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏସସିଇଆରଟି ର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀ ଓ ଅନ୍ୟ ୩ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ତତ୍କାଳ ପ୍ରଭାବରୁ ଚାକିରିରୁ ନିଲମ୍ବନ କରାଯାଇଛି। ଏହାସହିତ ଅନ୍ୟ ୬ଜଣ ସହକାରୀ ନିର୍ଦ୍ଦେଶକଙ୍କ ବିରୁଦ୍ଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଉନ୍ନୟନ କମିଶନର ଦେଓରଞ୍ଜନ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ତଦନ୍ତ କମିଟିର ରିପୋର୍ଟ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗତକାଲି ଏକ ଇଂରାଜୀ ସମ୍ବାଦପତ୍ରକୁ ସାକ୍ଷାତକାର ଦେଇ ଏହି ପାଠ୍ୟପୁସ୍ତକ ତ୍ରୁଟି ପଛରେ ସରକାରୀଙ୍କୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର ହୋଇଛି ବୋଲି ଆଶଙ୍କା ବ୍ୟକ୍ତ କରିବା ସହ ତ୍ରୁଟିପୂର୍ଣ୍ଣ ପୁସ୍ତକ ଫେରାଇ ଅଣାଯିବ ବୋଲି କହିଥିଲେ। ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ ତଦନ୍ତ କମିଟିର ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଏସସିଇଆରଟି ର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ଓ ଅନ୍ୟ ତିନି ଜଣ ସହକାରୀ ନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଦିଲୀପ କୁମାର ସାହୁ ଓ ଭାରତୀ ଟୁଡୁଙ୍କୁ ତତ୍କାଳ ପ୍ରଭାବରୁ ଚାକିରିରୁ ନିଲମ୍ବିତ କରିଛନ୍ତି । ଏମାନଙ୍କ ବ୍ୟତୀତ ଅନ୍ୟ ୬ଜଣ ସହକାରୀ ନିର୍ଦ୍ଦେଶକ ବନ୍ଦିତା ପଟ୍ଟନାୟକ, ମାନସ ରଞ୍ଜନ ରାଉତ, ମନୋରଞ୍ଜନ ମହାପାତ୍ର, ଡକ୍ଟର ପ୍ରଶାନ୍ତ କୁମାର ସାହୁ, ମାନସ କୁମାର ନାୟକ ଓ ଡକ୍ଟର ସୁଦର୍ଶନ ସନ୍ତରାଙ୍କ ବିରୋଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କମିଟି ପକ୍ଷରୁ ପ୍ରଦାନ କରାଯାଇଥିବା ସମସ୍ତ ୧୪ଟି ଗୁରୁତ୍ୱପୂର୍ଣ୍ଣ ସୁପାରିଶକୁ ରାଜ୍ୟ ସରକାର ଅବିଳମ୍ବେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। କମିଟିର ସୁପାରିଶ ଅନୁସାରେ,ଆସନ୍ତା ୭ଦିନ ମଧ୍ୟରେ ଏକ 'ମାଷ୍ଟର ତ୍ରୁଟି ରେଜିଷ୍ଟର' ପ୍ରସ୍ତୁତ କରାଯାଇ ସାର୍ବଜନୀନ କରାଯିବା ସହ ଏକ ସ୍ୱତନ୍ତ୍ର ପବ୍ଲିକ ଏରାଟା ପୋର୍ଟାଲ୍ ମଧ୍ୟ ତିଆରି ହେବ। ପୁସ୍ତକରେ ଥିବା ଗୁରୁତର ତ୍ରୁଟିଗୁଡ଼ିକର ସଂଶୋଧନ ପାଇଁ ସବୁ ପିଲାଙ୍କୁ ସଂଶୋଧିତ ତଥ୍ୟ ସମ୍ବଳିତ ପୃଷ୍ଠା ବା ରିପ୍ଲେସମେଣ୍ଟ ପେଜ୍ ଓ ପ୍ରିଣ୍ଟେଡ୍ କରେକ୍ସନ ସିଟ୍ ଯୋଗାଇ ଦିଆଯିବ । ଏହି ସଂଶୋଧିତ ବିବରଣୀକୁ ହିଁ ଅଫିସିଆଲ୍ ଶିକ୍ଷାଦାନ ସଂସ୍କରଣ ଭାବେ ଘୋଷଣା କରାଯିବା ଏବଂ ଶିକ୍ଷକମାନଙ୍କୁ ଏଥିପାଇଁ ଓରିଏଣ୍ଟେସନ ବା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ବ୍ୟତୀତ ବର୍ତ୍ତମାନଠାରୁ ଏସସିଇଆରଟି ପରିସରରେ ଏକ ସ୍ୱତନ୍ତ୍ର ପାଠ୍ୟପୁସ୍ତକ 'କ୍ୱାଲିଟି ଆସ୍ୟୁରାନ୍ସ ସେଲ୍' ଗଠନ କରାଯିବା ସହ ଏନସିଇଆରଟି ଢାଂଚାରେ ପ୍ରତି ବିଷୟ ପାଇଁ କରିକୁଲାର ଏରିଆ ଗ୍ରୁପ୍ ଓ ପାଠ୍ୟପୁସ୍ତକ ବିକାଶ କମିଟି ଗଠନ ହେବ। ଭବିଷ୍ୟତରେ ଯେପରି ଏଭଳି ସମ୍ବେଦନଶୀଳ ଭୁଲର ପୁନରାବୃତ୍ତି ନହେବ, ସେଥିପାଇଁ ଏକ ଅଭେଦ୍ୟ ଚାରିସ୍ତରୀୟ ଯାଂଚ ବ୍ୟବସ୍ଥା ଓ ଫାଇନାଲ୍ ଲକଡ୍ ପିଡିଏଫ୍ ମେକାନିଜମ୍ ଜରିଆରେ ବହିଗୁଡ଼ିକୁ ସୁରକ୍ଷିତ କରାଯିବ। ଏଣିକି ଭାଷା, ଚିତ୍ର, ତଥ୍ୟ ଓ ମୁଦ୍ରଣଜନିତ ଚୂଡ଼ାନ୍ତ ଏକାଡେମିକ ଅନୁମୋଦନ ବିନା କୌଣସି ବି ପାଠ୍ୟପୁସ୍ତକ ପ୍ରିଣ୍ଟିଙ୍ଗ ପ୍ରେସକୁ ଯାଇପାରିବ ନାହିଁ। ପ୍ରତିଟି ନୂଆ ବହିର ପାଇଲଟ୍ ଟେଷ୍ଟିଂ କରାଯିବା ବାଧ୍ୟତାମୂଳକ ହେବ।

### ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସୂଚନା

# ଖୁବ୍‌ଶୀଘ୍ର ପ୍ରଣୟନ ହେବ ନୂତନ 'ଚଳଚ୍ଚିତ୍ର ନୀତି'

**ଭୁବନେଶ୍ୱର:** ଓଡ଼ିଆ ଚଳଚ୍ଚିତ୍ର ହେଉଛି ଆମ ଜାତିର ଅସ୍ମିତାର ପରିଚୟ। ଏହାର ସର୍ବାଙ୍ଗୀନ ବିକାଶ ତଥା କଳାକାରମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଖୁବ୍ ଶୀଘ୍ର ଏକ ନୂତନ 'ଚଳଚ୍ଚିତ୍ର ନୀତି' ପ୍ରଣୟନ କରିବାକୁ ଯାଉଛନ୍ତି, ବୋଲି ଆଜି ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ଓଡ଼ିଆ ସିନେମାର ସାମ୍ପ୍ରତିକ ସ୍ଥିତି ଓ ଏହାର ବିକାଶ ନେଇ ନିକଟରେ ଚଳଚ୍ଚିତ୍ର ଜଗତର ପ୍ରତିଭାମାନଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଛି ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, କଳାକାରମାନଙ୍କ ସୁରକ୍ଷା ଓ ଉନ୍ନତମାନର ସିନେମା ନିର୍ମାଣ ପାଇଁ ବୈଷୟିକ ସହାୟତା ଯୋଗାଇଦେବାକୁ ସରକାର ସଂକଳ୍ପବଦ୍ଧ ଏବଂ ଏହି ଦିଗରେ ଖୁବ୍‌ଶୀଘ୍ର ଏକ ଶୁଭ ଖବର ମିଳିବ। ଓଡ଼ିଆ ସିନେମାର ସମୃଦ୍ଧ ଇତିହାସ ଏବଂ ଏହାର ଆରମ୍ଭକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଆତ୍ମପ୍ରକାଶ କରିବା ସହ ସେହି ବର୍ଷ ହିଁ ମହାନ ରାସ-ସ୍ରଷ୍ଟା ମୋହନସୁନ୍ଦର ଦେବ ଗୋସ୍ୱାମୀଙ୍କ ଦ୍ୱାରା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ନିର୍ମାଣ ହେବା ଏକ ଅପୂର୍ବ ସଂଯୋଗ। ଅତୀତରେ 'ମାୟା ମିରିଗ', 'ଭୁକା', 'ଶେଷ ଶ୍ରାବଣ' ଏବଂ 'ହାକିମ ବାବୁ' ଭଳି କାଳଜୟୀ ସିନେମା ଓଡ଼ିଆ ମାଟିର ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇଥିଲା। ସାମ୍ପ୍ରତିକ ସମୟରେ 'ଦମନ', 'ପ୍ରତୀକ୍ଷା', 'ଶଳା ବୁଢ଼ା', 'ପୁଷ୍କରା', 'ବୋଉ ବୁଟୁ ଭୂତ' ଏବଂ 'ବର ବଧୂ' ଭଳି ଚଳଚ୍ଚିତ୍ରଗୁଡ଼ିକ ଆମ ମାଟିର ମୌଳିକ କାହାଣୀକୁ ନେଇ ଜାତୀୟ ସ୍ତରରେ ଓଡ଼ିଆ ସିନେମାକୁ ପୁଣି ଏକ ନୂତନ ପରିଚୟ ଦେଇଛନ୍ତି, ଯାହା ଓଡ଼ିଆ ସିନେମାର ଏକ ନୂତନ ସୂର୍ଯ୍ୟୋଦୟ ବୋଲି ମୁଖ୍ୟମନ୍ତ୍ରୀ ଅଭିହିତ କରିଛନ୍ତି। ବର୍ତ୍ତମାନର ବୈଷୟିକ ଯୁଗ ଓ ଓଟିଟି ପ୍ଲାଟଫର୍ମର ଗୁରୁତ୍ୱ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ନୂତନ ପିଢ଼ି ସିନେମାଟୋଗ୍ରାଫି, ସାଉଣ୍ଡ ଡିଜାଇନିଂ ଏବଂ ଠରଢ କ୍ଷେତ୍ରରେ ବିଶ୍ୱସ୍ତରୀୟ ଜ୍ଞାନକୌଶଳ ଆପଣେଇଛନ୍ତି। ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ଆନ୍ତର୍ଜାତୀୟ ସ୍ତରର ପ୍ରଶିକ୍ଷଣ ଯୋଗାଇଦେବା ସହ କଳିଙ୍ଗ ଷ୍ଟୁଡ଼ିଓକୁ ଦେଶର ଏକ ପ୍ରମୁଖ ଡିଜିଟାଲ୍ ଏବଂ ପୋଷ୍ଟ-ପ୍ରଡକ୍ସନ ହବ୍‌ରେ ପରିଣତ କରାଯାଉଛି, ଯେପରି ଆମ ପିଢ଼ିକୁ କାମ ପାଇଁ ବାହାର ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ। ଏଥିସହ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନେଇ ସିନେମା ଟୁରିଜିମ୍ ର ବିକାଶ କରିବାକୁ ସେ ଦେଶ ଓ ରାଜ୍ୟର ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଆହ୍ୱାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଉଭୟ ପ୍ରଯୋଜକ ଓ ଦର୍ଶକମାନଙ୍କୁ ଓଡ଼ିଆ ସିନେମାର ପୃଷ୍ଠପୋଷକତା ସାଜିବାକୁ ଅନୁରୋଧ କରିଛନ୍ତି । ପ୍ରଯୋଜକମାନେ ଆଧୁନିକତା ସହ ଓଡ଼ିଆ ସମାଜ ଓ ସଂସ୍କୃତିର ମୌଳିକ ବିଷୟବସ୍ତୁକୁ ନେଇ ଚଳଚ୍ଚିତ୍ର ନିର୍ମାଣ କଲେ ଦର୍ଶକ ନିଶ୍ଚିତ ଥିଏଟରକୁ ଫେରିବେ। ସେହିପରି ଦର୍ଶକମାନଙ୍କୁ ସିନେମା ହଲ୍‌କୁ ଯାଇ ଓଡ଼ିଆ ଫିଲ୍ମ ଦେଖିବାକୁ ଅନୁରୋଧ କରି ସେ କହିଛନ୍ତି ଯେ, ଗୋଟିଏ ଚଳଚ୍ଚିତ୍ର ପଛରେ ଶହ ଶହ ପରିଚୟହୀନ ଟେକନିସିଆନ, ଲେଖକ ଓ ଗରିବ ଶ୍ରମିକଙ୍କ ଜୀବିକା ଜଡ଼ିତ ଥାଏ।

### କ୍ରିକେଟ ଖେଳ ହେଲା କାଳ

## ବଜ୍ରାଘାତରେ ଦୁଇ ନାବାଳକ ମୃତ

**ବୌଦ୍ଧ:** ବୌଦ୍ଧଜିଲ୍ଲା ମନମୁଣ୍ଡା ଥାନା ଅଧୀନ ଶଗଡ଼ା ଝାଙ୍କରପଡ଼ାରେ ବଜ୍ରପାତ ଦୁଇ ଜଣ ନାବାଳକଙ୍କର ଜୀବନ ନେଇଛି। ମୃତ ଦୁଇଜଣଙ୍କ ମଧ୍ୟରୁ ଜଣେ ଝାଙ୍କରଡ଼ା ଗାଁର ବିଶ୍ୱଜିତ ମିର୍ଦ୍ଧା ଏବଂ ଅନ୍ୟ ଜଣେ ଚଉଁରିଆପଦର ଗାଁର ଚରନ କୁମ୍ଭାର ବୋଲି ଜଣାପଡିଛି। ସୂଚନା ଅନୁସାରେ ବିଶ୍ୱଜିତ ଏବଂ ଚରନ କ୍ରିକେଟ ଖେଳି ଯାଇଥିବା ବେଳେ ବର୍ଷା ହେବାରୁ ଏକ ତେନ୍ତୁଳି ଗଛ ତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରାଘାତ ହୋଇଥିଲା। ଉଭୟେ ଟଳି ପଡ଼ିଥିଲେ । ତୁରନ୍ତ ଉଭୟଙ୍କୁ ମନମୁଣ୍ଡା ମେଡିକାଲ ଓ ପରେ ସୋନପୁର ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଏଭଳି ଏକ ଅଘଟଣ ପରେ ପୁରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଚରନ ନିଜ ମାମୁଁ ଘର ଗାଁ ଝାଙ୍କରପଡ଼ାକୁ ଆସିଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

## ଲାଲଜୀ ଦେଶାଇ ହେଲେ ଓଡ଼ିଶା କଂଗ୍ରେସର ନୂଆ ପ୍ରଭାରୀ

**ନୂଆଦିଲ୍ଲୀ:** ସର୍ବଭାରତୀୟ କଂଗ୍ରେସ କମିଟି ପକ୍ଷରୁ ସାଙ୍ଗଠନିକ ସ୍ତରରେ ବଡ଼ ଧରଣର ଅଦଳବଦଳ କରାଯାଇଛି। ଓଡ଼ିଶା ସମେତ ତିନୋଟି ରାଜ୍ୟ ପାଇଁ ନୂଆ ପ୍ରଭାରୀଙ୍କ ନିଯୁକ୍ତି ନେଇ ଦଳ ପକ୍ଷରୁ ଘୋଷଣା କରାଯାଇଛି। ଶ୍ରୀ ଲାଲଜୀ ଦେଶାଇଙ୍କୁ ଓଡ଼ିଶାର ନୂତନ ଏଆଇସିସି ପ୍ରଭାରୀ ଭାବେ ନିଯୁକ୍ତି ମିଳିଛି। ଅଜୟ ଲଲୁଙ୍କ ସ୍ଥାନ ନେଇଛନ୍ତି ଲାଲଜୀ ଦେଶାଇ। ୨୬ ଜୁନ୍ ୨୦୨୬ ରେ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ସ୍ୱାକ୍ଷରରେ ଏକ ପ୍ରେସ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ମାନ୍ୟବର କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଦଳୀୟ ପଦାଧିକାରୀମାନଙ୍କୁ ତୁରନ୍ତ ଲାଗୁ ହେବା ଭଳି ବିଭିନ୍ନ ରାଜ୍ୟର ପ୍ରଭାରୀ ଭାବେ ନିଯୁକ୍ତି ଦିଆଯାଇଛି।

## ତାମିଲନାଡୁ ଗ୍ୟାସ ଟ୍ରାଜେଡ଼ି: ଆଉ ଜଣେ ମୃତ

### ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ୧୧କୁ ବୃଦ୍ଧି

**କେନ୍ଦୁଝର:** ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲା ପେରିୟପାଲୟମ ନିକଟରେ ଥିବା ଏକ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଓ ରପ୍ତାନି କାରଖାନାରେ ଆମୋନିଆ ଗ୍ୟାସ୍ ଲିକ୍ ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାଁ ସୁମିତ୍ରା ଜୁଆଙ୍ଗ। ତାଙ୍କ ଘର କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଓରିୟା ପଞ୍ଚାୟତ ପିଟାନାଳୀ ଗ୍ରାମରେ। ତାଙ୍କ ବାପାଙ୍କ ନାଁ ନୀଳମଣି ଜୁଆଙ୍ଗ। ସୁମିତ୍ରା ଜୁଆଙ୍ଗଙ୍କ ମୃତ୍ୟୁ ସହିତ ଏହି ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁସଂଖ୍ୟା ୧୧କୁ ବୃଦ୍ଧି ପାଇଛି। ସମସ୍ତ ମୃତକ କେନ୍ଦୁଝର ଜିଲ୍ଲାର। ସେହିପରି ସମସ୍ତ ମୃତକ ମହିଳା ଥିଲେ। ସେମାନେ ସମସ୍ତେ ଜୁଆଙ୍ଗ ଜନଜାତିର। ସମସ୍ତଙ୍କ ବୟସ ଖୁବ୍ କମ୍। ସେମାନଙ୍କ ମଧ୍ୟରେ କେହି କେହି ନାବାଳିକା ଥିଲେ। ୧୧ ମୃତକଙ୍କ ମଧ୍ୟରୁ ୫ ଜଣଙ୍କ ମୃତଦେହକୁ ସେମାନଙ୍କୁ ଗାଁକୁ ଅଣାଯାଇ ଶେଷକୃତ୍ୟ ସଂପନ୍ନ କରାଯାଇଛି।

# ଭିଜିଲାନ୍ସ ଜାଲରେ ଲାଇଭ୍‌ଷ୍ଟକ୍ ନିରୀକ୍ଷକ

## ଘରୁ ବାହାରିଲା ବିପୁଳ ଟଙ୍କା



**ଭୁବନେଶ୍ୱର:** ୮୦ହଜାର ଟଙ୍କା ହାତଗୁଞ୍ଜା ନେଇ ନବରଙ୍ଗପୁରଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ (ସିଡିଭିଓ) ଅଧୀନ ରାଇଗଡ଼ର ଲାଇଭ୍‌ଷ୍ଟକ୍ ନିରୀକ୍ଷକ (ଏଲ୍‌ଆଇ) ପ୍ରଫୁଲ୍ଲ ହାଲ୍‌ଦାର ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍‌ସ) ଟିମ୍ ହାତରେ ରଙ୍ଗେହାତ ଧରାପଡ଼ିଛନ୍ତି। ଏହାପରେ ଆୟବହିର୍ଭୁତ ସମ୍ପତ୍ତି ଠୁଳ ସନ୍ଦେହରେ ଏଲ୍‌ଆଇଙ୍କ ବାସ ଭବନରେ ଚଢ଼ାଉ କରି ଭିଜିଲାନ୍‌ସ ଟିମ୍ ଚକିତ ହୋଇଯାଇଛି। ଘରୁ ପୁଳାପୁଳା ନଗଦ ଟଙ୍କା ଜବତ କରାଯାଇଛି। ଭିଜିଲାନ୍‌ସ ବିଭାଗ ପକ୍ଷରୁ ଜାରି ସୂଚନାନୁସାରେ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ରିହାତି ଟଙ୍କା ପ୍ରଦାନ କରିବାକୁ ହିତାଧିକାରୀଙ୍କ ଦୌଡ଼ାଉଥିଲେ। ତେବେ ଏହା ପଛରେ ଏଲ୍‌ଆଇ ହାଲଦାରଙ୍କ ମନ୍ଦ ଉଦ୍ଦେଶ୍ୟ ଥିଲା। ଶେଷରେ ମୁହଁ ଖୋଲି ୮୦ହଜାର ଟଙ୍କା ହାତଗୁଞ୍ଜା ଦେଲେ ରିହାତି ଅର୍ଥ ରିଲିଜ୍ କରିବେ ବୋଲି କହିଥିଲେ। କେବଳ ଏହା ନୁହେଁ, ଏହି ଅର୍ଥ ନଦେଲେ ସେମାନଙ୍କ ସବ୍‌ସିଡ ଟଙ୍କା ବନ୍ଦ କରିଦେବେ ବୋଲି ଧମକ ମଧ୍ୟ ଦେଇଥିଲେ। ଏନେଇ ହିତାଧିକାରୀ ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଆଜି ଏହି ଟଙ୍କା ହିତାଧିକାରୀଙ୍କ ଠାରୁ ଗ୍ରହଣ କରିବା ବେଳେ ପୂର୍ବ ଯୋଜନାନୁସାରେ ଛପିଥିବା ଭିଜିଲାନ୍‌ସ ଟିମ୍ ଏଲ୍‌ଆଇଙ୍କୁ ରଙ୍ଗେହାତ ଧରିଥିଲା। ଏହାପରେ ଆୟବହିର୍ଭୁତ ସମ୍ପତ୍ତି ଠୁଳ ସନ୍ଦେହରେ ଏଲ୍‌ଆଇଙ୍କ ବାସଭବନ ସମେତ ଏକାଧିକ ସ୍ଥାନରେ ଚଢ଼ାଉ କରାଯାଇଥିଲା। ରାଇଗଡ଼ର ବାସଭବନରୁ ୮ଲକ୍ଷ ୨୪ ହଜାର ଟଙ୍କା ନଗଦ ଜବତ ହୋଇଥିଲା। ଏନେଇ ହାଲ୍‌ଦାରଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଓ ବିଏନ୍‌ଏସ୍‌ର ଧାରାରେ ୧୩/୨୦୨୬ରେ ଏକ ମାମଲା ରୁଜୁ କରାଯାଇଛି। ଦୁର୍ନୀତିର ପରବର୍ତ୍ତୀ ତଦନ୍ତ ଜାରି ରହିଛି ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବାଇକ୍ ଦୁର୍ଘଟଣାରେ ୩ ମୃତ



**ରାଇରଙ୍ଗପୁର:** ମୟୂରଭଞ୍ଜଜିଲ୍ଲା ଗୋରୁମହିଷାଣୀ ଥାନା ଅଞ୍ଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ତିନିଜଣ ଶ୍ରମିକଙ୍କ ଜୀବନ ଯାଇଛି। ତିନି ଜଣ ଟେଣ୍ଟ କାର୍ଯ୍ୟ କରିବା ପାଇଁ ପାହାଡ଼ ଉପରେ ଥିବା ଏକ ଗାଁକୁ ଯାଇ ଫେରୁଥିଲେ। ସୂଚନା ଅନୁଯାୟୀ, ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଗୋରଡ଼ାପାଣି ଗ୍ରାମକୁ ତିନି ଜଣ ଶ୍ରମିକ ଏକ ବିବାହ ଉତ୍ସବ ପାଇଁ ଟେଣ୍ଟ କାର୍ଯ୍ୟ କରିବା ପାଇଁ ଗତକାଲି (ଗୁରୁବାର) ପୂର୍ବାହ୍ନରେ ଯାଇଥିଲେ। ସେଠାରୁ ରାତିରେ ପାହାଡ଼ ଉପରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ତିନି ଜଣ ବାଇକ୍ ସହିତ ପାହାଡ ତଳ ଥିବା ପ୍ରାୟ ୧୫୦ ଫୁଟ ତଳେ ଥିବା ଖାଇରେ ଖସି ପଡ଼ିଥିଲେ। ଆଜି (ଶୁକ୍ରବାର) ଅପରାହ୍ନରେ ଗୋରୁ ଚରାଉଥିବା କିଛି ବ୍ୟକ୍ତି ସେମାନଙ୍କ ମୃତ ଦେହ ଦେଖି ଅନ୍ୟ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଶବକୁ ଚିହ୍ନଟ କରିବା ପରେ ପୁଲିସକୁ ସୂଚନାଦେଇଥିଲେ। ମୃତକ ତିନିଜଣ ହେଲେ ସୁଦର୍ଶନପୁର ଗ୍ରାପର ସାନଝାରୀ ଗ୍ରାମର ମନଜ ମୁଣ୍ଡା (୩୦), ମନଜ ମୁଣ୍ଡାରୀ(୩୦) ଓ ଦୁଧିଚୁଆ ଗ୍ରାମର ବିରସିଂ ମୁଣ୍ଡା (୩୦) ବୋଲି ଜଣା ପଡ଼ିଛି । ପୁଲିସ ସନ୍ଧ୍ୟାବେଳେ ଘଟଣାସ୍ଥଳରେ ପହଞ୍ଚି ରାତିରେ ଶବଗୁଡ଼ିକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି । ଏନେଇ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି । ତେବେ ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି ।

### ଗଞ୍ଜେଇ ଚାଲାଣ ବେଳେ ମାଡି ବସିଲା ଅବକାରୀ ବିଭାଗ

## ଦୁଇ ଶିକ୍ଷକ ସମେତ ଜଣେ ଗିରଫ

**କଳାହାଣ୍ଡି :** ଗଞ୍ଜେଇ ଚାଲାଣ କରି ଗିରଫ ହୋଇଛନ୍ତି ୩ ଜଣ ଶିକ୍ଷକ। ଦୁଇ ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଥିବା ବେଳେ ଅନ୍ୟ ଜଣଙ୍କୁ ଧରିଛି କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍। ଅବକାରୀ ବିଭାଗ ଦ୍ୱାରା ଗିରଫ ଶିକ୍ଷକ ଦ୍ୱୟ ହେଉଛନ୍ତି କିଶୋର କୁମ୍ଭାର ଓ ଜିତୁ ସାହୁ। ସେମାନଙ୍କ ସହିତ ଆଉ ଜଣଙ୍କୁ ଗିରଫ କରାଯାଇଛି। ତାଙ୍କ ନାଁ ସଞ୍ଜୟ ବାଗ। ଏହି ତିନି ଜଣଙ୍କ ଘର କଳାହାଣ୍ଡି ଜିଲ୍ଲା ମ. ରାମପୁର ଥାନା ଅଞ୍ଚଳରେ। ଆଜି ଭୋରରେ ଏହି ତିନି ଜଣ ଏକ କାରରେ କଳାହାଣ୍ଡିରୁ ବଲାଙ୍ଗିରକୁ ଗଞ୍ଜେଇ ଚାଲାଣ କରୁଥିଲେ। ସେମାନେ ୨୬ ନମ୍ବର ଜାତୀୟ ରାଜପଥରେ ଯାଉଥିବା ବେଳେ ବରଗାଁ ଛକରେ ମାଡି ବସିଥିଲେ ଟିଟିଲାଗଡ଼ ଓ ତୁଷୁରା ଅବକାରୀ ବିଭାଗ କର୍ମଚାରୀ। ସେମାନଙ୍କ ଗାଡ଼ିରୁ ୩୩ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏହା ସହିତ ତିନି ଜଣକୁ ଗିରଫ କରାଯାଇଥିଲା। ଅନ୍ୟପକ୍ଷରେ ଏକ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ରାକେଟକୁ ଧରିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ଏହାର କିଙ୍ଗପିନ୍ ହେଉଛନ୍ତି ଦୁର୍ବାଶା ନାୟକ। ସେ ମଧ୍ୟ ଜଣେ ଶିକ୍ଷକ। ତାଙ୍କ ସହିତ ଆହୁରି ୩ ଜଣଙ୍କୁ ଗିରଫ କରାଯାଇଥିବା ଆଜି ଏକ ପ୍ରେସମିଟ୍‌ରେ ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। ଗତ ୨୪ ତାରିଖରେ କଟକର ଆଠଗଡ଼ ନିକଟରୁ ୧୯୦ କେଜି ଗଞ୍ଜେଇ ଜବତ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ନିକଟରୁ ଏକ ୧୦ ଟଙ୍କିଆ ନୋଟ୍‌ର ଅଧା ଅଂଶ ଜବତ କରାଯାଇଥିଲା। ବାକି ଅଧା ଅଂଶ ଦେଖାଇବା ବ୍ୟକ୍ତିଙ୍କୁ ଗଞ୍ଜେଇ ଦେବାକୁ ତାଙ୍କୁ ନିର୍ଦ୍ଦେଶ ଥିଲା। ଆଜି ଗିରଫ ୪ ଅଭିଯୁକ୍ତଙ୍କ ନିକଟରୁ ସେହି ଅଧା ଚିରା ୧୦ ଟଙ୍କିଆ ନୋଟ୍ ଜବତ କରାଯାଇଛି। ଜବତ ଅଧା ଚିରା ୧୦ ଟଙ୍କିଆ ନୋଟ୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ବୋଲି କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି। ସେ କହିଛନ୍ତି ଯେ କିଙ୍ଗପିନ୍ ଦୁର୍ବାଶା ନାୟକ ଜଣେ ଶିକ୍ଷକ। କିନ୍ତୁ ସେ ଗଞ୍ଜେଇ ଚାଲାଣରେ ସକ୍ରିୟ ଥିଲେ। ଗିରଫ ୪ ଜଣଙ୍କ ନାଁରେ ପୂର୍ବରୁ ମାମଲା ଅଛି। ସେମାନଙ୍କୁ ୭ ଦିନିଆ ରିମାଣ୍ଡରେ ଆଣିବୁ।

### ରଥ ନିର୍ମାଣର ୬୭ତମ ଦିବସ

# ୧୨ ଫୁଟିଆ ଚୁନାଟ ପଟା ବାଢ଼ିଆ ଶେଷ

- ପ୍ରଭାରେ ରୂପ ଖୋଦେଇ ଜାରୀ
- ତିନିରଥର ବାହ୍ୟ ଅଂଶ ଗୁଡ଼ିକର ଚାଲିଛି ରଙ୍ଗ କାର୍ଯ୍ୟ



**ପୁରୀ :** ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ। ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜାନଅର ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ଶୁକ୍ରବାର ରଥ ନିର୍ମାଣର ୬୭ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳାଠାରେ ମୁଖ୍ୟ ବିଶ୍ୱକର୍ମା ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଶୁକ୍ରବାର ୧୨ ଫୁଟିଆ ଚୁନାଟ ପଟା ବାଢ଼ିଆ ଶେଷ ହୋଇଛି । ଏଥିସହ ପ୍ରଭାରେ ରୂପକାର ସେବକ ମାନେ ରୂପ ଖୋଦେଇ ଜାରୀ ରଖିଛନ୍ତି । ଗୁରୁବାର ସୁଦ୍ଧା ତିନିରଥର ପାରାଭାଡ଼ି କୁ ମିଶାଇ ତିନି ରଥରେ ପୋଟଳ ସେଟିଙ୍ଗ ଶେଷ ହେବାସହ ତିନିରଥର ବେଦୀ ନିର୍ମାଣ ପାଇଁ ପାଞ୍ଚୋଟି ଲେଖାଏଁ ୨୦ ଫୁଟିଆ ଜଗତପୃଷ୍ଠ ସେଣି ପଡିବାସହ ତିନିରଥର ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ତିନିରଥର ବେଦୀ ସିଂହାସନ ପ୍ରସ୍ତୁତି ପାଇଁ ତିନିରଥ ମହାରଣା ସେବକ ଏବଂ ଭୋଇ ସେବକ ମାନଙ୍କ ସହଯୋଗରେ ପାଞ୍ଚଗୋଟି ଜଗତ ପୃଷ୍ଠ ସେଣୀ ପଡ଼ି କଣ୍ଟା ବାଢ଼ିଆ କାର୍ଯ୍ୟ ଶେଷ ହୋଇଥିଲା। ବେଦୀ ପରିସରକୁ ବଢ଼ାଇବା ପାଇଁ ଆଜି ତିନିରଥର ମହାରଣା ସେବକମାନେ ସେଣୀ ପତନରେ ବେଦୀ ଉଭୟ ପାର୍ଶ୍ୱରେ ତିନିଗୋଟି ଲେଖାଏଁ ୬ ଗୋଟି ବାହୁଟ ଫାଳିଆ ସଂଯୋଗ କରାଯାଇଛି ,ବେଦୀରେ ପଟାପଡ଼ିବା ବାକି ରହିଛି। ଆଜି ତିନିରଥର ମହାରଣା ସେବକ ମାନେ ତିନିରଥର କନକ ମୁଣ୍ଡି ବସିବା ପାଇଁ ତାର ପୂର୍ବ ପ୍ରସ୍ତୁତି ସ୍ୱରୂପ ତିନିରଥ ଛ ' କାଠି ତଳ ଚାରି ପାର୍ଶ୍ୱରେ ଗୋଟିଏ ଗୋଟିଏ ୧୨ ଫୁଟିଆ ଓସାରିଆ ପଟା (ଚୁନାଟ ପଟା) ବାଢ଼ିଆ କାର୍ଯ୍ୟ ଶେଷ କରିଛନ୍ତି। ତିନିରଥର କନକ ମୁଣ୍ଡି ସେଟିଙ୍ଗ ପାଇଁ ଚାରି ପାର୍ଶ୍ୱରେ ୪ ଗୋଟି ଲେଖାଏଁ ୧୬ ଗୋଟି କାଣ୍ଡ ସେଟିଙ୍ଗ କରାଯାଇ କନକ ମୁଣ୍ଡି ସ୍ଥାପନ କରାଯିବ। ମୁଖ୍ୟ ରୂପକାର ସେବକ ଏବଂ ସହଯୋଗୀ ରୂପକାର ସେବକ ମାନେ ମିଶି ତିନିରଥର ପ୍ରଭାରେ ରୁପ ଖୋଦେଇ ଜାରୀ ରଖିଛନ୍ତି। ଚିତ୍ରକାର ସେବକ ମାନେ ତିନିରଥର ୪ ଗୋଟି ଲେଖାଏଁ ୧୨ ଗୋଟି ଦୁଆର ବେଢ଼ାରେ ଧଳା ପ୍ରାଇମର ଦେବା କାର୍ଯ୍ୟ ଶେଷ କରି ସେଥିରେ ମୁଖ୍ୟ ଚିତ୍ରକାର ସେବକ ମାନେ ରାହୁ ମୁଖ ମୁଖ ସହ ଛାୟା ,ମାୟା ଚିତ୍ର ଅଙ୍କନ ଜାରୀ ରଖିଛନ୍ତି। ନାଟଗୋଡ଼ ଗୁଡିକରେ ରଙ୍ଗ କାର୍ଯ୍ୟ ଶେଷ ହେବା ପରେ ତିନିରଥ ଦୁଆର ବେଢ଼ା ରଥ ଉପରକୁ ଉଠିବା। ଏଥିସହ ଚିତ୍ରକାର ସେବକ ମାନେ ତିନିରଥର ୨୪ ଗୋଟି ନାଟ ଗୋଡ଼ରେ ରୂପ ଖୋଦେଇ ରେ ରଙ୍ଗ କାର୍ଯ୍ୟ ସହ ରଥ ପାର୍ଶ୍ୱ ଦେବ ଦେବୀ ପ୍ରତିମା, ସଖୀ, ଅଁଳା, କନ୍ୟା ପଟା, ଇତ୍ୟାଦିର ରଙ୍ଗ କାର୍ଯ୍ୟ ସହ ତିନିରଥର ବାହ୍ୟ ଅଂଶ ଗୁଡ଼ିକର ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନି ରଥର ପ୍ରଭା କଣ୍ଟା, ବେଦୀ କଣ୍ଟା ସହ ଘୋଡ଼ା ବାଗିଆ, ସାରଥୀ ବାଗିଆ କଣ୍ଟା ସହ ଦୁଆର ବେଢ଼ା ପାଇଁ ଚଉରସ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ପାହି ମହାରଣା ମାନେ ରଥ ଯାତ୍ରାରେ ସେବା ପୂଜା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି। ତିନିରଥର ମହାରଣା ସେବକ ୭୮ ଜଣ, ଭୋଇ ସେବକ ୭୬ଜଣ,ରୂପକାର ସେବକ ୨୧ଜଣ ,କରତୀ ସେବକ ୪ଜଣ , ଓଝା କମାର ସେବକ ୨୦ଜଣ ,ତୁମ୍ବ ବିନ୍ଧ କାରିଗର ୨ଜଣ ,ପାହି ମହାରଣା ୨ଜଣ ,ଚିତ୍ରକାର ୪୦ଜଣ ,ରଥଖଳା ସହାୟକ ୧ଜଣ ମୋଟ ୨୪୪ ଜଣ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି ।

## ସମ୍ପାଦକୀୟ

# ଅଦିନରେ ଯାତରା

ଏ ସି ଭକ୍ତିବେଦାନ୍ତ ଯେ କି ଇସ୍କନ୍‌ର ପ୍ରତିଷ୍ଠାତା ଥିଲେ, ସେ ତ ଥିଲେ ଜଣେ ଭାରତୀୟ। ହେଲେ ୧୯୬୬ ମସିହାରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଇସ୍କନ୍‌ର ଧାରା କିନ୍ତୁ ଲାଗୁଛି ବିଦେଶୀ ବିଦେଶୀ। ଅବଶ୍ୟ ବିଦେଶ ମାଟିରେ ହିଁ ଆରମ୍ଭ ହେଇଥିଲା ଇସ୍କନ ଆମେରିକାର ନ୍ୟୁୟର୍କ ସିଟିରେ ଆରମ୍ଭ ହୋଇଥିଲା ଇଣ୍ଟରନ୍ୟାସନାଲ୍ ସୋସାଇଟି ଫର୍ କ୍ରିଷ୍ଣ କନସିଅସ୍‌ନେସ୍-ଇସ୍‌କନ ଯାହାର ପ୍ରତିଷ୍ଠାତା ଥିଲେ ଏ ସି ଭକ୍ତିବେଦାନ୍ତ। ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗକୁ ଭାରତରେ କୋଲକାତାରେ ଜନ୍ମଲାଭ କରିଥିବା ଅରୁଣ ଚରଣ ଦେ ପରବର୍ତ୍ତୀ ସମୟରେ ଭକ୍ତିବେଦାନ୍ତ ସ୍ୱାମୀ ନାମରେ ସାରା ବିଶ୍ୱରେ ବେଶ୍ ପ୍ରସିଦ୍ଧି ଅର୍ଜନ କରିଥିଲେ। ଏଣୁ ଇସ୍କନ୍ ହେଉଛି ଭାରତୀୟ ସଂସ୍ଥା ବୋଲି କହିପାରୁ। ଯଦିଓ ସଂସ୍ଥାର ଆରମ୍ଭ ଆମେରିକା ମାଟିରେ ହୋଇଥିଲା, ତଥାପି ଆମେ ଇସ୍କନକୁ ଭାରତୀୟ ସଂସ୍ଥା ବୋଲି କହିପାରୁ! କାରଣ ସଂସ୍ଥାର ପ୍ରତିଷ୍ଠାତା ତ ହେଉଛନ୍ତି ଭାରତୀୟ। ତାଙ୍କର ଚିନ୍ତାଧାରା ମଧ୍ୟ ଭାରତୀୟ। ଏ ସବୁ ସତ୍ତ୍ୱେ ଆମେ ଇସ୍କନକୁ କେବେ ବି ଭାରତୀୟ ସଂସ୍ଥାର ମାନ୍ୟତା ଦେଇନପାରୁ। କାରଣ ଇସ୍କନର ପ୍ରତିଷ୍ଠାତା ଭାରତୀୟ ହୋଇ ବି ପରବର୍ତ୍ତୀ କାଳରେ କିନ୍ତୁ ତାଙ୍କର ବିଚାରଧାରାରେ କିନ୍ତୁ ପରିବର୍ତ୍ତନ ହୋଇଗଲା। କୃଷ୍ଣଙ୍କୁ ମୁଖ୍ୟ ନାୟକ ଭାବେ ଉପସ୍ଥାପନ କରାଯାଇ, କୃଷ୍ଣଙ୍କୁ ମୁଖ୍ୟ ନାୟକ ଭାବେ ଚିତ୍ରଣ କରାଯଇ ୧୯୬୬ ଜୁଲାଇ ମାସରେ ଆରମ୍ଭ କରାଯଇଥିଲା ଇସ୍କନ। ଯେଉଁ ସଂସ୍ଥାର ମୁଖ୍ୟ ଆଦର୍ଶ ମୁଖ୍ୟ ନାୟକ ହେଉଛନ୍ତି କୃଷ୍ଣ। ତେବେ ଇସ୍କନ ପକ୍ଷରୁ ଯେଉଁ ରଥଯାତ୍ରାର ଆୟୋଜନ କରାଯାଏ, ସେଥିରେ କିନ୍ତୁ ମୁଖ୍ୟ ନାୟକ ହେଉଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ। କାରଣ ଇସ୍କନ ମତରେ ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି କୃଷ୍ଣଙ୍କର ଭିନ୍ନ ରୂପ। ଏଣୁ ଇସ୍କନ ପକ୍ଷରୁ ପ୍ରତିବର୍ଷ ବିଶ୍ୱର ବିଭିନ୍ନ ସ୍ଥାନରେ ଆୟୋଜନ କରାଯାଉଥିବା ରଥଯାତ୍ରାରେ ବିରାଜମାନ ହୁଅନ୍ତି ପ୍ରଭୁ ଶ୍ରୀଜଗନ୍ନାଥ। ଇସ୍ୱନର ଏହା ହେଉଛି ବାସ୍ତବରେ ଏକ ମହତ୍ ଯୋଜନା। ହେଲେ ଯେଉଁଥିପାଇଁ ଇସ୍କନକୁ ନେଇ ସାରା ଭାରତରେ ଏବେ ଚର୍ଚ୍ଚା ଏବଂ ପରିଚର୍ଚ୍ଚା ଲାଗି ରହିଛି, ତାହା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଯାହା ପଛରେ କାରଣ ହେଉଛି କୃଷ୍ଣ ପକ୍ଷରେ ହେଉଛି ! ଏଥିରେ କେହି ବି ବିସ୍ମିତ ହୋଇପାରେ। କୃଷ୍ଣ ତ ହେଉଛନ୍ତି ଇସ୍କନର ଆଦର୍ଶ। କୃଷ୍ଣ ତ ହେଉଛନ୍ତି ଇସ୍କନର ମୁଖ୍ୟ ନାୟକ। ଏଣୁ ସମସ୍ୟା କେଉଁଠି ? ସମସ୍ୟା ହେଉଛି ଅଦିନିଆ ରଥଯାତ୍ରା ପାଇଁ, ସମସ୍ୟା ହେଉଛି ଅ-ତିଥି ରଥଯାତ୍ରା ପାଇଁ ଯାହାକି ଇସ୍କନ ଏବେ ଆୟୋଜନ କରୁଛି ଦେଶ ବିଦେଶରେ। ଆମେ ଜାଣି ରଖିବା ଉଚିତ ଯେ ଶ୍ରୀକ୍ଷେତ୍ର ପୁରୀରେ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଆୟୋଜନ ହୋଇଥାଏ ରଥଯାତ୍ରା। ଯାହା କାହାର ବ୍ୟକ୍ତିଗତ ଇଚ୍ଛା ନୁହେଁ କି କୌଣସି ସଙ୍ଗଠନର ସାଙ୍ଗଠନିକ ନିର୍ଦ୍ଦେଶ ନୁହେଁ। ତାହା ସମ୍ପୂର୍ଣ୍ଣ ଶାସ୍ତ୍ରୀୟ ବିଧିସମ୍ମତ, ଯାହା ସମ୍ପୂର୍ଣ ପାରମ୍ପରିକ ବିଧିସମ୍ମତ। ଯାହକୁ ମନଇଚ୍ଛା ପାଳନ କରାଯାଇପାରିବ ନାହିଁ। କେହି ବି ସେପରି ଯାତ୍ରାର ଆୟୋଜନ କରିବା ସମ୍ପୂର୍ଣ୍ଣ ଭୁଲ୍ ହୋଇପାରେ। ଯାହା କି ଲକ୍ଷ ଲକ୍ଷ ଓଡ଼ିଆପ୍ରେମୀଙ୍କ ମନରେ ଅସନ୍ତୋଷ ଭରି ଦେଇପାରେ। କେବଳ ଓଡ଼ିଆ କାହିଁକି, କୋଟ କୋଟି କୋଟି ଭାରତୀୟମାନଙ୍କ ମନରେ ମଧ୍ୟ ଅସନ୍ତୋଷ ଭରିଦେଇପାରେ। ଯାହା କି ପ୍ରଭୁ ଶ୍ରୀଜଗନ୍ନାଥ ରଥଯାତ୍ରା ନିୟମର ସମ୍ପୂର୍ଣ୍ଣ ଉଲ୍ଲଂଘନ। ହେଲେ ବୋଲ ମାନୁନି ଇସ୍କନ। ନିୟମ ମାନୁନି ଇସ୍କନ। ଅଦିନରେ କରୁଛି, ଅ-ତିଥିରେ କରୁଛି ରଥଯାତ୍ରା। ଇସ୍କନର ଏହି ଅଦିନ ଅବା ଅତିଥି ରଥଯାତ୍ରା ପରମ୍ପରା ଆରମ୍ଭ ହେଇଥିଲା ୧୯୬୭ ଜୁଲାଇରେ କାଲିଫର୍ଣ୍ଣିଆ, ଆମେରିକାରେ। ସେବେଠାରୁ ପ୍ରତିବର୍ଷ କେବେ ଆମେରିକାରେ ତ ଆଉ କେବେ ୟୁରୋପରେ ଅବା କେବେ ଅଷ୍ଟ୍ରେଲିଆରେ ଅ-ତିଥିରେ ଇସ୍କନ କରୁଛି ଅଦିନିଆ ରଥଯାତ୍ରା। ଏବେ ଏବେ ଇସ୍କନ୍ ତା'ର ସେହି ପୂର୍ବ ପ୍ରବୃତ୍ତିରେ କୌଣସି ବି ପରିବର୍ତ୍ତନ ନ କରି ପୁଣି ସେହି ପ୍ରକାର ଅ-ତିଥି ଯାତ୍ରାର ଆୟୋଜନ କରିଛି। ଆମେରିକାର ହଷ୍ଟନ୍ ଟେକ୍ସାସ୍ ଆଦି ଜାଗାରେ ଇସ୍କନ୍‌ର ସେହି ଅଦିନିଆ ରଥଯାତ୍ରା। ତେବେ ଇସ୍କନ୍‌ର ଏଭଳି ଅଦିନିଆ ଆୟୋଜନକୁ ଯାହାକୁ ନେଇ ପୁରୀ ମନ୍ଦିର ପ୍ରଶାସନ ପକ୍ଷରୁ ବହୁବାର ସେଥିନେଇ ଅଭିଯୋଗ କରାଯାଇଥିଲେ ମଧ୍ୟ କିଛି ବି ସୁଫଳ ମିଳୁନି। ତେବେ ଶ୍ରୀଜଗନ୍ନାଥ ରଥଯାତ୍ରା ଆୟୋଜନ କମିଟି ପକ୍ଷରୁ ଏଥିନେଇ ଇସ୍କନ୍ କର୍ତ୍ତୃପକ୍ଷଙ୍କ ସହିତ ଏ ବିଷୟରେ ଏବେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି।

## ଗୁରୁବାଣୀ

ଯୁବକଙ୍କ ଯାତ୍ରା ପଥରେ କିଛି ବିପଦର ଆଶଙ୍କା ରହିଥିଲ। ଏଣୁ ସେଥିନେଇ ଯୁବକଙ୍କ ଗୁରୁ ବହୁତ ଚିନ୍ତିତ ଥିଲେ। ଯେହେତୁ ଯୁବକ ଜଣଙ୍କ କୌଣସି ଏକ ଆଶ୍ରମରେ ରହୁଥିଲେ, ସେଣୁ ସେ ଆଶ୍ରମରୁ ବାହାରିଯିବା ପୂର୍ବରୁ ତାଙ୍କ୍ ଗୁରୁଙ୍କ୍ ପରାମର୍ଶ ନେବାକୁ ଭୁଲିନଥିଲେ। ଗୁରୁଜୀ ସେହି ଯୁବକଙ୍କୁ ତାଙ୍କ୍ ସାଙ୍ଗରେ ଆଉ ଜଣେ ସାଧାରଣ ଯୁବକଙ୍କୁ ସାଙ୍ଗରେ ନେବାକୁ ପରାମର୍ଶ ଦେଇଥିଲେ ଯାହାକୁ ସହଜରେ ଗ୍ରହଣ କରି ପାରିନଥିଲେ ଯୁବକ। ଯେହେତୁ ଯୁବକ ଜଣଙ୍କ ଥିଲେ ଅତି ଦୁର୍ବଳ ମାନେ ତାଙ୍କ୍ ଶରୀର ଥିଲା ଦୁର୍ବଳ। ସେଣୁ ସାହସୀ ଯୁବକ ଜଣଙ୍କ ତାଙ୍କୁ ନିଜ ସାଙ୍ଗରେ କିଛି ନେବାକୁ ନେଇ କିଛି କହିପାରିନଥିଲେ। ତଥାପି ଗୁରୁଙ୍କ ଆଦେଶ ଉପରେ ଯୁବକ ଜଣଙ୍କ୍ କିଛି କହିପାରିନଥିଲେ କି କିଛି ପ୍ରତିବାଦ କରି ପାରି ନଥିଲେ। ମନ କଥା ମନରେ ମାରି ଯୁବକ ଜଣଙ୍କ ଗୁରୁଙ୍କ କଥାକୁ ନୀରବରେ ମାନିନେଇଥିଲେ। ପରେ ଦୁଇ ଜଣ ମିଶି ସେହି ଯାତ୍ରାରେ ବାହାରି ଗଲେ। ତେବେ ବାଟରେ ଯାଉ ଯାଉ ସେମାନେ ଗୋଟାଲ ପାନ୍ଥଶାଳାରେ ଅଟକିଗଲେ। ସାମୟିକ ବିଶ୍ରାମ ନେଇ ସେମାନେ ଆଗକୁ ବାହାରିଯିବାର ଥିଲା କିନ୍ତୁ ସେହି ପାନ୍ଥଶାଳାରେ ହିଁ ଘଟିଗଲା ବହୁତ ବଡ଼ ଦୁର୍ଘଟଣା। ଅବଶ୍ୟ ଅଳ୍ପକେ ବର୍ତ୍ତିଯାଇଥିଲେ ସେଦିନ। ଯେହେତୁ ସେହି ଯୁବକଙ୍କ ଉପରେ ସେହି ପାନ୍ଥଶାଳାରେ କିଛି ଆକ୍ରମଣର ଆଶଙ୍କା ରହିଥିଲା। ସେମାନେ ବାହାରିଯିବା ପୂର୍ବରୁ କେତେକ ବଦମାସ ପ୍ରକୃତିର ମଣିଷ ସେହି ଯୁବକ ଉପରେ ଆକ୍ରମଣ କରିବାର ଯୋଜନା ନେଇ ଆଗେଇ ଆସୁଥିବାର ଦେଖି ସାହସୀ ଯୁବକ କିନ୍ତୁ କିଛି ବି ଜାଣିପାରି ନଥିଲା କିନ୍ତୁ ତା' ସାଙ୍ଗରେ ଥିବା ସେହି ଦୁର୍ବଳ ଯୁବକ ଜଣଙ୍କ୍ କିନ୍ତୁ ପାନ୍ଥଶାଳା ଆଡ଼କୁ ମାଡ଼ି ଆସୁଥିବା ଯୁବକ ମାନଙ୍କ ହାବଭାବକୁ ଅନୁଭବ କରି, ତା'ର ପୂର୍ବାନୁମାନ କରି ସେଠାରୁ ପଳାୟନ କରିବାର ସୁଯୋଗ ଉଣ୍ଡି ସେଠାରୁ ଖସିଯିବାର ବାଟ ବାହାର କଲେ ଏବଂ ସେଠାରୁ ପଳାୟନ କରିବାରେ ସଫଳ ହେଲେ। ବୀର ତଥା ସାହସୀ ଯୁବକ ଜଣଙ୍କ ତାଙ୍କ ଯାତ୍ରା ପଥରେ ଆଉ ଆଗକୁ ନ ଯାଇ ଧୀରେ ଧୀରେ ପଛକୁ ଫେରିବାରେ ଲାଗିଲେ। ପରେ ସେହି ଦୁଇଜଣ ଯାଇ ଶେଷରେ ପହଞ୍ଚିଗଲେ ସେହି ସାଧୁଙ୍କ ଆଶ୍ରମରେ ଯେଉଁ ସାଧୁଙ୍କ ଆଶ୍ରମରୁ ସେମାନେ ବାହାରିଥିଲେ, ସେହି ଆଶ୍ରମରେ ଗୁରୁଜୀ ତାଙ୍କ୍ ଯାତ୍ରା ସମ୍ବନ୍ଧରେ ପଚାରିବାରୁ ଯୁବକ ଜଣଙ୍କ ତାଙ୍କ୍ର ବିଫଳତାର କଥା ବଖାଣି ଦୁଃଖ କରିବାରୁ ଗୁରୁଜୀଙ୍କ ମତରେ କାହା ସହିତ ହାରି ଯିବାରେ ବିଫଳତା ନଥାଏ, ବରଂ ଆଗାମୀ ସମୟରେ ଜିତିବାର ପଥ ପରିଷ୍କାର କରିବାଟା ହେଉଛି ଅସଲ କଥା। କେବେ କେବେ ଦୁର୍ବଳ ଲୋକର ବୁଦ୍ଧିବଳ ମଧ୍ୟ କାମରେ ଲାଗେ ଯାହା ବାହୁବଳରେ ନଥାଏ।

# ଆଧାତ୍ମିକ ସାଧନା: 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ'



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସର୍ବୋଚ୍ଚ ଚୈତନ୍ୟ ଲାଭ କରିବା ପାଇଁ ଯୋଗ ଏକ ସୁସମ୍ବନ୍ଧ ଧାର୍ମିକ ଶୃଙ୍ଖଳା ଯାହା ଚରମ ମୁକ୍ତି ପାଇଁ ପଥ ଦେଖାଇଥାଏ। ଏହି ଜୀବନ ଚେତନା ଯୋଗ ଦିବସ ଭାବରେ ପାଳିତ ହେଉଛି। ଚଳିତ ବର୍ଷର ବାର୍ତ୍ତା ରହିଛି 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ'। ବାସ୍ତବରେ ଜୀବନର ଶେଷ ସମୟ ପୂର୍ବରୁ ନିଜକୁ ପ୍ରସ୍ତୁତ କରି ଯୋଗ ସାଧନା ଦେବା ନିମିତ୍ତ ଚଳିତ ବର୍ଷର ବାର୍ତ୍ତା ଅନ୍ତର୍ନିହିତ ତାତ୍ପର୍ଯ୍ୟ ଉଲ୍ଲେଖ କରୁଛି। ଜୀବନ ସାଧନାରେ ଏମିତିରେ ଦେଖିଲେ ବାର୍ଦ୍ଧକ୍ୟ ବୋଲି ହୁଏତ ଏକ ଶବ୍ଦ ଥାଇପାରେ କିନ୍ତୁ ଶରୀର ପାଇଁ ବାର୍ଦ୍ଧକ୍ୟ ସତ କିନ୍ତୁ ମାନସିକ ଭାବରେ ଅନେକ ଆମ ମାନଙ୍କ ଭିତରେ ରହିଛନ୍ତି ଯେଉଁମାନେ ଜୀବନର ଶେଷ ଶ୍ୱାସ ନିଃଶ୍ୱାସ ପର୍ଯ୍ୟନ୍ତ ନିଜକୁ ବାର୍ଦ୍ଧକ୍ୟ ଭାବରେ ବିଚାର କରିନଥାନ୍ତି। ବାସ୍ତବରେ ଯୋଗ ଚେତନା ସତରେ ଆମ ଜୀବନ ଚେତନାକୁ ଅନେକ ମାତ୍ରରେ ପ୍ରଭାବିତ କରିଥାଏ। ଭାରତରେ ସମସ୍ତ ଆଧାତ୍ମିକ କ୍ଷେତ୍ରର ସାଧକ, ମହାପୁରୁଷ ଏବଂ ଜଣେ ଯେ କୌଣସି ଧର୍ମାବଲମ୍ବୀ ହୁଅନ୍ତୁ କିନ୍ତୁ ଯୋଗର ଶୃଙ୍ଖଳାକୁ ସମସ୍ତେ ମାନନ୍ତି। ଯୋଗର ମୌଳିକ ଅର୍ଥ ହେଉଛି ମିଳିତାବସ୍ଥା ଏବଂ ପ୍ରକୃତ ଆତ୍ମା ବା ଈଶ୍ୱରଙ୍କ ସହିତ ମିଳିତ ହେବାକୁ ଏହା ବୁଝାଇଥାଏ। ଅନ୍ୟ ଅର୍ଥରେ ସେହି ମିଳନ ଲାଭ କରିବା ପାଇଁ ଯୋଗ ଏକ ଉପାୟ ବା ପଦ୍ଧତି। ମନ ମଧ୍ୟରେ ଚିନ୍ତା ତରଙ୍ଗକୁ ନିୟନ୍ତ୍ରଣ କରିବା ବା ଚିତ୍ତବୃତ୍ତି ନିରୋଧକୁ ପତଞ୍ଜଳି ଯୋଗର ସଂଜ୍ଞା ରୂପେ ବର୍ଣ୍ଣନା କରିଛନ୍ତି। ଯୋଗସୂତ୍ରର ଚାରୋଟି ବିଭାଗ ବା ପାଦ ରହିଛି ତାହା ହେଲା ସମାଧି ପାଦ, ସାଧନା ପାଦ, ବିଭୁତି ପାଦ ଓ କୈବଲ୍ୟ ପାଦ। ସମାଧି ପାଦରେ ନିର୍ମଳ ଚୈତନ୍ୟ ବିଷୟ ଉଲ୍ଲେଖ ରହିଛି ଯାହାକୁ ଉଚ୍ଚଗୁଣସମ୍ପନ୍ନ ବ୍ୟକ୍ତିମାନେ ଲାଭ କରିଥାନ୍ତି। ସାଧନା ପାଦରେ ଯୋଗର ନିୟମ ଓ ପଦ୍ଧତି ବର୍ଣ୍ଣିତ ହୋଇଛି ଯାହାକୁ ସାଧାରଣରେ ସବୁ ସାଧକ ଓ ସାମାନ୍ୟ ଗୁଣସମ୍ପନ୍ନ ବ୍ୟକ୍ତିମାନେ ଅନୁସରଣ କରିଥାନ୍ତି। ବିଭୁତି ପାଦ ଆଧାତ୍ମିକ ପଥ ବା ଅଲୌକିକ ଶକ୍ତିର ଜାଗରଣ ବିଷୟରେ ସୂଚନା ଦେଇଥାଏ। ଆଉ କୈବଲ୍ୟ ପାଦ ମୋକ୍ଷ ବା ମୁକ୍ତି ସହିତ ସଂଶ୍ଳିଷ୍ଟ। ପତଞ୍ଜଳିଙ୍କ ଯୋଗ ପଦ୍ଧତିକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ। ମନୁଷ୍ୟ ଶରୀର ମଧ୍ୟରେ ତା'ର ମେରୁଦଣ୍ଡ ମଧ୍ୟରେ ମୂଳାଧାର ଚକ୍ର ଠାରୁ ଆଜ୍ଞାଚକ୍ର ପର୍ଯ୍ୟନ୍ତ ଆଧାତ୍ମିକ ଷଟ୍ ଚକ୍ର ଅଛି। ସେହିପରି ନାଭି ଦେଶର ପଛପଟେ କୁଣ୍ଡଳିନୀ ଶକ୍ତି ସୁପ୍ତ ହୋଇ ରହିଥାଏ। କୁଣ୍ଡଳିନୀ ଏହି ଷଡ଼ ଚକ୍ରକୁ ଭେଦ କରି ଅବଶେଷରେ ସହସ୍ର ଦଳ ବିଶିଷ୍ଟ ପଦ୍ମ ଠାରେ ଉପନୀତ ହୋଇ ପରଂବ୍ରହ୍ମଙ୍କ ସହିତ ମିଳିତ ହୁଏ। ଅର୍ଥାତ୍ ପରଂବ୍ରହ୍ମଙ୍କ ଠାରେ ଲୀନ ହୋଇଯାଏ ଏହା ହିଁ ଯୋଗର ସିଦ୍ଧି।

ଯୋଗସୂତ୍ର ଅନୁଯାୟୀ ପାଞ୍ଚଟି ଯମ ରହିଛି। ଏଗୁଡ଼ିକ ହେଉଛି - ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଏବଂ ଅପରିଗ୍ରହ। ପାଞ୍ଚଯମ ମଧ୍ୟରୁ ଅହିଂସାକୁ ସର୍ବୋତ୍ତମ ବୋଲି ସ୍ୱୀକାର କରାଯାଏ। ଅନ୍ୟ ଚାରି ଯମ ପାଳନ କରିବା ପାଇଁ ଅହିଂସା ଭାବକୁ ସୁଦୃଢ଼ କରିବାକୁ ହୁଏ। ଯେମିତି ଦେଖିଛନ୍ତି, ଅନୁମାନ କରିଛନ୍ତି ବା ଶୁଣିଛନ୍ତି ଠିକ୍ ସେମିତି ବର୍ଣ୍ଣନା କରିବାକୁ ସତ୍ୟ କୁହାଯାଏ। ତେବେ ଏହାର ଆଉ ଏକ ସର୍ତ୍ତ ବି ଅଛି। ଏହି ସତ୍ୟ ଦ୍ୱାରା ପ୍ରାଣୀମାନଙ୍କର କେବଳ କଲ୍ୟାଣ ହିଁ ହେବା ଆବଶ୍ୟକ। ମହାଭାରତରେ ହିତକାରୀ ସତ୍ୟକୁ ଶ୍ରେଷ୍ଠ ବୋଲି କୁହାଯାଇଛି। ଧର୍ମର ପ୍ରତିକୂଳରେ ଯାଇ, ଅନ୍ୟାୟ ପୂର୍ବକ ବା ଚୋରି ଦ୍ୱାରା କାହାର କିଛି ହରଣ କରିବାକୁ ସ୍ତେୟ କୁହାଯାଏ। ଏହାର ବିପରୀତରେ ପର ଧନ ପ୍ରତି ଆକର୍ଷିତ ନ ହେବା, ଏହାକୁ ଗ୍ରହଣ ନକରିବା କିମ୍ବା ଏହା ପାଇବାର ଇଚ୍ଛା ନରଖିବାକୁ ଅସ୍ତେୟ କୁହାଯାଏ। ଜନନେନ୍ଦ୍ରିୟ ଦ୍ୱାରା ସଂଯମ ରକ୍ଷାକୁ ବ୍ରହ୍ମଚର୍ଯ୍ୟ କୁହାଯାଏ। ଅନ୍ୟ ଯେ କୌଣସି ଇନ୍ଦ୍ରିୟ ତୁଳନାରେ ଜନନେନ୍ଦ୍ରିୟ କାମ ଭାବନାକୁ ଅଧିକ ପ୍ରଲୁବ୍ଧ କରେ। ତେଣୁ ସବୁ ଇନ୍ଦ୍ରିୟକୁ ଶାନ୍ତ ରଖିବା ପାଇଁ ଜନନେନ୍ଦ୍ରିୟ ଉପରେ ସଂଯମ ରଖିବା ଆବଶ୍ୟକ। ଚାରିଆଡୁ ଭୋଗ ବିଳାସକୁ ଗ୍ରହଣ କରିବାକୁ ପରିଗ୍ରହ କୁହାଯାଏ। ଏହାର ବିପରୀତରେ ଭୋଗବିଳାସକୁ ଗ୍ରହଣ ନକରିବାକୁ ଅପରିଗ୍ରହ କୁହାଯାଏ। ନିଜ ଆବଶ୍ୟକତା ଠାରୁ ଅଧିକ ଧନସମ୍ପତ୍ତି ଏବଂ ଭୋଗ ସାମଗ୍ରୀ ସଂଚୟ କରିବାକୁ ମଧ୍ୟ ପାପ ଭାବେ ଗ୍ରହଣ କରାଯାଇଛି।

ପବିତ୍ର ଓଁ ଶବ୍ଦ ଜପ କରିବା, ଶାସ୍ତ୍ର, ବେଦ, ଉପନିଷଦ, ଗୀତା ଆଦି ଧର୍ମଗ୍ରନ୍ଥ ଅଧ୍ୟୟନ କରିବା ସ୍ୱାଧ୍ୟାୟର ଅଂଶବିଶେଷ। ଏଥିରେ ନିଜର ଚରିତ୍ରର ଅଧ୍ୟୟନ କରାଯାଏ। ଅର୍ଥାତ୍ ଜାଣିବାକୁ ଚେଷ୍ଟା କରାଯାଏ ମୁଁ କିଏ। ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧା, ପ୍ରେମ, ସମର୍ପଣ ଏବଂ ଭକ୍ତି ହିଁ ଈଶ୍ୱର ପ୍ରଣିଧାନ। ଶରୀର, ଇନ୍ଦ୍ରିୟ, ମନ, ପ୍ରାଣ, ଅନ୍ତଃକରଣ ଆଦିରେ କରାଯାଉଥିବା ସମସ୍ତ କର୍ମ ଏବଂ ଏହାର ପରିମାଣକୁ ଈଶ୍ୱରକୁ ଅର୍ପିତ କରିଦେବା। ପ୍ରକୃତପକ୍ଷେ ଈଶ୍ୱର ପ୍ରଣିଧାନ। ମହର୍ଷି ପତଞ୍ଜଳିଙ୍କ ଅନୁଯାୟୀ ଯେଉଁ ଅବସ୍ଥାରେ ଶରୀର ଧାର୍ଯ୍ୟ ସମୟ ପର୍ଯ୍ୟନ୍ତ ସହଜରେ ସ୍ଥିର ହୋଇ ରହିପାରେ ତାହାକୁ ଆସନ କୁହାଯାଏ। ସେ ଉପଯୁକ୍ତ ସୂତ୍ରରେ ଆସନର ପରିଭାଷା, ସମୟସୀମା ଏବଂ ଏହାର ଲାଭ ବିଷୟରେ ବର୍ଣ୍ଣନା କରିଛନ୍ତି। ଏହାର ସାର ହେଉଛି ଯେ ପର୍ଯ୍ୟନ୍ତ ଶରୀରରେ ସ୍ଥିରତା, ମନରେ ସୁଖ ଅଛି ସେ ପର୍ଯ୍ୟନ୍ତ ଗୋଟିଏ ଆସନରେ ସ୍ଥିର ହୋଇ ରୁହ। ଯେତେବେଳେ ସ୍ଥିରତା, ଅସ୍ଥିରତାରେ ଏବଂ ସୁଖ, ଦୁଃଖରେ ପରିବର୍ତ୍ତିତ ହେବାକୁ ଲାଗୁଛି ସେତେବେଳେ ଆସନ ବଦଳାଇନେବା ଉଚିତ।

ସାଧାରଣତଃ ଦେଖାଯାଏ ଆମ ଶରୀର ଗୋଟିଏ ମିନିଟ୍ ମଧ୍ୟ ସ୍ଥିର ହୋଇପାରେ ନାହିଁ। କେତେବେଳେ ଆମ ହାତ ହଲୁଥାଏ ତ କେତେବେଳେ ଗୋଡ଼। ଆସନର ଅଭ୍ୟାସ ଦ୍ୱାରା ଶରୀର ସହ ମସ୍ତିଷ୍କରେ ମଧ୍ୟ ସ୍ଥିରତା ଆସେ। ମାନସିକ ଶାନ୍ତି ମିଳେ, ସାଧକ ମନରେ ଦ୍ୱନ୍ଦ୍ୱ ଆସେ ନାହିଁ। ଧ୍ୟାନ ସମୟରେ ମନ ଅନ୍ୟାନ୍ୟ ବିଷୟରୁ ଅଲଗା ହୋଇ କେବଳ ଧ୍ୟେୟ ବିଷୟରେ ସ୍ଥିର ହୁଏ। ଧ୍ୟାନ ମନକୁ ଶାନ୍ତ ଏବଂ ଏକାଗ୍ର କରି ଅନ୍ତର୍ମୁଖୀ କରିବାର ଏକ ଅନନ୍ୟ ବିଦ୍ୟା। ଏହା ସାଧକ ଭିତରେ ଥିବା କାମ, କ୍ରୋଧ, ଲୋଭ, ମୋହ, ରାଗ, ଦ୍ୱେଷ, ଅହଂକାର ଆଦି ବିକାରକୁ କ୍ଷୀଣ କରିଦିଏ। ସାଧକ ସାରା ଦିନ ସାଂସାରିକ ଜୀବନରେ ଥିଲେ ମଧ୍ୟ ନିଜ ଭିତରେ ଥିବା ପରମ ଚେତନା ସହ ସଂଯୁକ୍ତ ହୋଇରୁହେ। ମନୁଷ୍ୟ ଶରୀର ମଧ୍ୟରେ ତା'ର ମେରୁଦଣ୍ଡ ମଧ୍ୟରେ ମୂଳାଧାର ଚକ୍ର ଠାରୁ ଆଜ୍ଞାଚକ୍ର ପର୍ଯ୍ୟନ୍ତ ଆଧାତ୍ମିକ ଷଟ୍ ଚକ୍ର ଅଛି। ସେହିପରି ନାଭି ଦେଶର ପଛପଟେ କୁଣ୍ଡଳିନୀ ଶକ୍ତି ସୁପ୍ତ ହୋଇ ରହିଥାଏ। କୁଣ୍ଡଳିନୀ ଏହି ଷଡ଼ ଚକ୍ରକୁ ଭେଦ କରି ଅବଶେଷରେ ସହସ୍ର ଦଳ ବିଶିଷ୍ଟ ପଦ୍ମ ଠାରେ ଉପନୀତ ହୋଇ ପରଂବ୍ରହ୍ମଙ୍କ ସହିତ ମିଳିତ ହୁଏ। ଅର୍ଥାତ୍ ପରଂବ୍ରହ୍ମଙ୍କ ଠାରେ ଲୀନ ହୋଇଯାଏ ଏହା ହିଁ ଯୋଗର ସିଦ୍ଧି।

**ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ - ୯୪୩୭୦୫୧୯୫୭**

# ଓଡ଼ିଶା ସ୍ୱାସ୍ଥ୍ୟସେବାରେ ଫାର୍ମାସୀ ଅଧିକାରୀଙ୍କ ଭୂମିକା



ଶାରଦା ପ୍ରସନ୍ନ ବେହେରା

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ହେଲା ପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ସ୍ୱାସ୍ଥ୍ୟ ବିଭାଗ ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଇଛି। ସରକାର ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ, ଶିଶୁଭବନ ଠାରୁ ବଡଡାକ୍ତରଖାନା ସବୁଠି ପର୍ଯ୍ୟାପ୍ତ ପରିମାଣର ମାଗଣା ନିଦାନ ବ୍ୟବସ୍ଥା, ଡାକ୍ତରୀ ପରାମର୍ଶ ସହ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ସର୍ବଭାରତୀୟ ସ୍ତରରେ ଓଡ଼ିଶା ଆଜି ସ୍ୱାସ୍ଥ୍ୟକ୍ଷେତ୍ରରେ ଏକ ବିକଶିତ ରାଜ୍ୟ ଭାବେ ପରିଚିତ ହୋଇଛି। ଓଡ଼ିଶାର ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ବିହାର ପରି ରାଜ୍ୟର ଅନେକ ରୋଗୀ ଆମ ଭୁବନେଶ୍ୱର ସ୍ଥିତ ଏମସ, କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, ଶିଶୁ ଭବନ, ବିଭିନ୍ନ ବଡ଼ମେଡ଼ିକାଲ ଉପରେ ନିର୍ଭରଶୀଳ। ଓଡ଼ିଶାର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଅତ୍ୟନ୍ତ ଉନ୍ନତ ଓ ଆଧୁନିକ ତଥା ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ। ଚିକିତ୍ସା ବ୍ୟବସ୍ଥା କ୍ଷେତ୍ରରେ ଡାକ୍ତରଙ୍କ ପରେ ଗୁରୁତ୍ୱପୂର୍ଣ୍ଣ ଭାବେ ଦ୍ୱିତୀୟ ଦାୟିତ୍ୱ ନିର୍ବାହ କରିଥାନ୍ତି ଫାର୍ମାସୀ ଅଧିକାରୀମାନେ। ଚିକିତ୍ସା ସେବା କ୍ଷେତ୍ରରେ ଡ୍ରେସର ଠାରୁ ସିକୁରିଟି, ନର୍ସ ଠାରୁ ସୁପର ଭାଇଜର ସମସ୍ତଙ୍କ ନିଜ ନିଜ କ୍ଷେତ୍ରରେ ଭୂମିକା ଓ ଦାୟିତ୍ୱ ରହିଛି। ଚିକିତ୍ସା ସେବା କ୍ଷେତ୍ରରେ ସବୁ ଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ହେଉଛି ଫାର୍ମାସୀ ଅଧିକାରୀଙ୍କର। ମୁମୁର୍ଷୁ ହେଉ ବା ସ୍ୱାଭାବିକ, ଗୁରୁତର ଖଣ୍ଡ ବିଖଣ୍ଡିତ ମୃତ ପ୍ରାୟ ବିଷ ଖିଆ ହେଉ ବା ସାପ କାମୁଡ଼ା, ଆସନ୍ନ ପ୍ରସବା ଠାରୁ ଗୁରୁତର ଶିଶୁରୋଗୀ, ବୟସ୍କ ହୁଅନ୍ତୁ ବା ଯେ କେହି ଉଦବେଗଜନକ ହେଉ, ଜଣେ ଫାର୍ମାସର ଅଧିକାରୀଙ୍କ ଜଟିଳତମ ସମୟକୁ ସାମ୍ନା କରିଥାଏ। ଜରୁରୀ ଭାବେ ପଲ୍ସ ଠାରୁ ବିପି ସବୁ କ୍ଷେତ୍ରକୁ ଦେଖି ତାଙ୍କୁ ହିଁ ପ୍ରାଥମିକ ଚିକିତ୍ସା କରିବାକୁ ପଡ଼ିଥାଏ। ଜଣେ ରୋଗୀକୁ ଚିକିତ୍ସା କରିବା ସମୟରେ ପ୍ରଫେସର ହୁଅନ୍ତୁ ବା ସହାୟକ ପ୍ରଫେସର, ସେ ଫାର୍ମାସୀ ଅଧିକାରୀଙ୍କ ସମସ୍ତ ସୂଚନାକୁ ଗ୍ରହଣ କରିଥାନ୍ତି ଓ ରୋଗୀଟିର ଉତ୍ତମ ଚିକିତ୍ସା ପାଇଁ ବ୍ୟବସ୍ଥା କରିଥାନ୍ତି। ଏହି ସବୁ ଦୁଃଖକୁ ନେଇ ଓଡ଼ିଶା ଫାର୍ମାସୀ ସେବା ସଂଘ ଏସସିବିଏମ୍ ଶାଖା ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଏସସିବିଏମ୍ ମେଡ଼ିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ସ୍ମାରକପତ୍ରରେ ମେଡ଼ିକାଲରେ ଔଷଧ ରକ୍ଷଣାବେକ୍ଷଣ ଓ ସମସ୍ତ ବିଭାଗ ତଥା ଜରୁରୀ ବିଭାଗକୁ ସୁବଣ୍ଟନ କରି ଗୁରୁ ଦାୟିତ୍ୱ ନିର୍ବାହ କରିଥାନ୍ତି ଫାର୍ମାସୀ ଅଧିକାରୀମାନେ। ଏହା ସହିତ କେନ୍ଦ୍ରୀୟ ଔଷଧାଗାରରେ ଔଷଧର ସଂରକ୍ଷଣ, ମହଜୁଦ, ପରିଚାଳନା, ସମସ୍ତ ବିଭାଗକୁ ନିୟମିତ ବଣ୍ଟନ ସହିତ ନିରାମୟ କେନ୍ଦ୍ର ମାନଙ୍କରେ ରୋଗୀ ମାନଙ୍କୁ ଔଷଧ ସୁବିତରଣ ସହିତ ଏହାର ପାର୍ଶ୍ୱପ୍ରତିକ୍ରିୟା ଜନିତ ତଥ୍ୟ ଓ ଔଷଧ ସେବନର ପ୍ରଣାଳୀ ବତାଇ ସଚେତନ କରିଥାନ୍ତି। ସେହିପରି ଅସ୍ତ୍ରୋପଚାର ଗୃହ, ଟିକାକରଣ କେନ୍ଦ୍ର, ରକ୍ତ ଭଣ୍ଡାର, ଗୁରୁତ୍ୱପୂର୍ଣ୍ଣ ଆଇସିୟୁ, ୱାର୍ଡ ଓ ଜରୁରୀକାଳୀନ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଔଷଧର ସୁପରିଚାଳନା ପରି ପ୍ରମୁଖ ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅନବରତ ନିର୍ବାହ କରନ୍ତି। ତେବେ ଏ ସବୁ ସତ୍ତ୍ୱେ ଓଡ଼ିଶାର ଫାର୍ମାସୀ ଅଧିକାରୀମାନେ ଅନ୍ୟ ରାଜ୍ୟ ତୁଳନାରେ ସବୁଠାରୁ କମ ଗ୍ରେଡ଼ ପାଉଛନ୍ତି ତେଣୁ ଓଏସଆରଏପ ଦୁଇହଜାର ସତର ପେ ବ୍ୟାଣ୍ଡ ଅନୁସାରେ ଦରମା ପୁର୍ନବିନ୍ୟାସ କରିବା ପାଇଁ ସରକାରଙ୍କ ନିକଟରେ ଦାବୀ ଜଣାଇ ସ୍ମାରକପତ୍ର ଓପିଏସଏ ଏସସିବିଏମସିଏଚ୍ ଶାଖାର ସଭାପତି ରାଧାମୋହନ ଚୌଧୁରୀ, ସମ୍ପାଦକ ପ୍ରକାଶ ପ୍ରଧାନ, ରାଜ୍ୟସଂଘର ଯୁଗ୍ମ ସମ୍ପାଦକ ସୁଧାଂଶୁ ଶେଖର ବାରିକ, ଶାରଦା ପ୍ରସନ୍ନ ବେହେରା, ଦିଲ୍ଲୀପ କୁମାର ସାହୁ, ନିରଞ୍ଜନ ସାହୁ, ଲକ୍ଷ୍ମୀଧର ସାହୁ, ସାଇରାଜ ରାଉଳ, ବିଶ୍ୱଜିତ ସାମଲ, ରାଜେଶ ଆଚାର୍ଯ୍ୟ, ସ୍ନିଗ୍ଧାଶ୍ରୀ ବାରିକ, ଖିରାବ୍ଧି ତନୟା ଷଡ଼ଙ୍ଗୀ, ରାଜଶ୍ରୀ ନନ୍ଦିନୀ ସାହୁ, ସାଗରିକା ରଥ, ଇତିଶ୍ରୀ ପ୍ରଧାନ ପ୍ରମୁଖ ପ୍ରଦାନ କରିଥିଲେ। ଆଜି ବି ରାଜ୍ୟର ଅନେକ ଡାକ୍ତରଖାନାରେ ଡାକ୍ତର ପଦବୀ ଖାଲିଥିବାରୁ ଫାର୍ମାସୀ ଅଧିକାରୀ ସେବା ନିର୍ବାହ କରୁଛନ୍ତି। ରାଜ୍ୟର ଉପାନ୍ତ ଓ ଅନୁନ୍ନତ ଡାକ୍ତରଖାନାରେ ଚିକିତ୍ସା ସେବାରେ ପ୍ରମୁଖ ଓ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥାନ୍ତି ଫାର୍ମାସୀ ଅଧିକାରୀ। ଜଣେ ଫାର୍ମାସୀ ଅଧିକାରୀ ପଲ୍ସ ବିପି ଦେଖିବାଠାରୁ ଛୋଟ ମୋଟର ସର୍ଜରୀ କରିଥାନ୍ତି। ଗୁରୁତ୍ୱପୂର୍ଣ୍ଣ ଟୀକା ଦେଇଥାନ୍ତି, ସନ୍ତାନଟି ଭୂମିଷ୍ଠ ହେବା ଠାରୁ ବିଷ ଖିଆ ଓ ସାପ କାମୁଡ଼ା ରୋଗୀଙ୍କ ଠାରୁ ସେ ଜଣେ ଦେବଦୂତଙ୍କ ପରି ସେବା ନିର୍ବାହ କରିଥାନ୍ତି। ନିଜ ଚାକିରୀ ସମୟ ବ୍ୟତୀତ ଅଧିକ ସମୟ ଦେବାକୁ ପଡ଼ିଥାଏ। କେଉଁଠି କ୍ୱାଟର ମିଳିନଥାଏ ତ କେଉଁଠି ଗୁରୁତର ଆହାତ ରୋଗୀଙ୍କ ନିକଟତମ ଲୋକମାନଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିଥାଏ। ଏକ ପ୍ରକାର ଦିନ ରାତି ଏକ କରି ଏହି ଫାର୍ମାସୀ ଅଧିକାରୀ ମାନେ ରାଜ୍ୟ ସ୍ୱାସ୍ଥ ବ୍ୟବସ୍ଥାର ବଡ଼ ବୋଝ ନିଜ ପିଠିକୁ ନେଇଥାନ୍ତି। କିନ୍ତୁ ଏମାନଙ୍କ ବଡ଼ ଦୁଃଖ, ଅଭିଯୋଗ ସମସ୍ତେ ଜାଣି ମଧ୍ୟ ଏକ ପ୍ରକାର ଅଜଣା। ଫାର୍ମାସୀ ଅଧିକାରୀଙ୍କ ଭୂମିକା ଓ ଦାୟିତ୍ୱ ମଧ୍ୟ ରାଜ୍ୟର ସ୍ୱାସ୍ଥ୍ୟ ଉପରେ ନିର୍ଭର କରେ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଓଡ଼ିଶାର ପ୍ରଶଂସନୀୟ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଏମାନଙ୍କ ନିଷ୍ଠାପର, ଉତ୍ସର୍ଗୀକୃତ ଓ ନିଃସ୍ୱାର୍ଥପର ଭୂମିକାକୁ କେହ ଭୁଲି ପାରିବେ କି ?

**ଭେଷଜ ତତ୍ତ୍ୱାବଧାରକ, ବଳିପାଳ, ମହାକାଳପଡ଼ା, କେନ୍ଦ୍ରାପଡ଼ା, ଦୂରଭାଷ : ୭୬୫୭୦୭୧୯୬୭**

# କାଳଜୟୀ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି



ଡକ୍ଟର ତପନ କୁମାର ପାଳ

ଅର୍ଦ୍ଧ ଶତାବ୍ଦୀରୁ ଅଧିକ କାଳ ନିଜର ଅପୂର୍ବ ସୃଜନୀ ଶକ୍ତି ଦ୍ୱାରା ଓଡ଼ିଆ ସାହିତ୍ୟକୁ ଋଦ୍ଧିମାନ କରିଥିଲେ ସୁରେନ୍ଦ୍ର ମହାନ୍ତି। ଗଦ୍ୟ ସାହିତ୍ୟର ସମସ୍ତ ବିଭାଗରେ ତାଙ୍କ ଲେଖନୀ ଅବିରତ ଚାଲିଥିଲା। ତାଙ୍କ ସାରସ୍ୱତ ଜୀବନ ଥିଲା ବର୍ଣ୍ଣାଢ଼୍ୟ ଓ ବହୁମୁଖୀ। ସାହିତ୍ୟିକ ସହ ସେ ଥିଲେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ରାଜନୀତିଜ୍ଞ ଓ ସାମ୍ବାଦିକ। ସେ କହୁଥିଲେ, ସାହିତ୍ୟକୁ ବୃତ୍ତି କରି ଓଡ଼ିଶାରେ ବଞ୍ଚିବା କଠିନ। ପୁଣି କହୁଥିଲେ, ସାହିତ୍ୟ ଓ ରାଜନୀତି ପରସ୍ପରର ପରିପୂରକ। ରାଜନୀତି ଓ ସାମ୍ବାଦିକତା ମଧ୍ୟରେ ସେ ସାହିତ୍ୟକୁ ଏକ ଅସ୍ତ୍ର ଭାବେ ଗ୍ରହଣ କରିଥିଲେ। ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଉଦ୍ୟମ କରିଥିଲେ। ତାଙ୍କ ନିଜ ଭାଷାରେ ସାହିତ୍ୟ ଓ ରାଜନୀତି ତାଙ୍କ ପୃଥିବୀ ଏବଂ ସାମ୍ବାଦିକତା ତାଙ୍କ ପଥ। ତେଣୁ ଆତ୍ମଚରିତର ନାମ ରଖିଥିଲେ ପଥ ଓ ପୃଥିବୀ। ଆଲୋଚକ ଡ. ଜଗନ୍ନାଥ ଦାସଙ୍କ ଭାଷାରେ ପଥ ଓ ପୃଥିବୀ ସୁରେନ୍ଦ୍ରଙ୍କ ଜୀବନ ଓ କୃତିର ଏକ ଉଜ୍ଜ୍ୱଳ, ସଫଳ, ସଂପୂର୍ଣ୍ଣ ମହାକାବ୍ୟ, ଏକ ସାର୍ଥକ ଜୀବନ ସ୍ମୃତି। ଓଡ଼ିଆ ସାହିତ୍ୟ ଭଣ୍ଡାରର ଏକ ଅମୂଲ୍ୟ ରତ୍ନ। ସୁରେନ୍ଦ୍ରଙ୍କ ରାଜନୈତିକ ଜୀବନ ବଡ଼ ବିଚିତ୍ର। ୧୯୫୨-୫୬ସେ ରାଜ୍ୟସଭା ସାଂସଦ ଥିଲେ। ୧୯୫୬ ଓ ୧୯୭୧ରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୯ରେ ଦ୍ୱିତୀୟ ଥର ପାଇଁ ରାଜ୍ୟସଭାର ସଦସ୍ୟ ହୋଇଥିଲେ। ୧୯୮୪ରେ ତାଙ୍କ ସକ୍ରିୟ ରାଜନୈତିକ ଜୀବନର ଅନ୍ତ ହୋଇଥିଲା। ସେ ଶୈଶବରୁ ପାଠଚୋର ଥିଲେ। ନାନା ବାହାନା କରି ଚାଟଶାଳି ଯାଉ ନଥିଲେ। ନାଲିକସ୍ତା ପିନ୍ଧି, ଅଣ୍ଟାରେ ରୂପା ସୂତା ଗୁଡ଼େଇ, ହାତରେ ଖନୁ ନାଇ, ବେକରେ ମାଦୁଳି ପକାଇ, ଆଖିରେ କଳା ଲାଞ୍ଜିକରି, ଗାଁଦାଣ୍ଡରେ ବୁଲୁଥିଲେ। ପରେ ଅବଶ୍ୟ ପାଠ ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ରାଭେନ୍‌ସା କଲେଜରେ ଇଂରେଜୀରେ ସ୍ନାତକ ପଢୁଥିବା ବେଳେ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ବହିଷ୍କୃତ ହୋଇଥିଲେ। ସେଥି ସହ ତାଙ୍କର ଛାତ୍ର ଜୀବନର ଅନ୍ତ ହୋଇଥିଲା ଏବଂ ଆରମ୍ଭ ହୋଇଥିଲା। ସବୁଜ ପତ୍ର ଓ ଧୂସର ଗୋଲାପ, ପାଇଁ ସେ ପାଇଥିଲେ ଓଡ଼ିଶା ସାହିତ୍ୟ ଏକାଡେମି ଏବଂ ନୀଳଶୈଳ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର। ଫଟାମାଟି, ତାଙ୍କର ଶେଷ ସାହିତ୍ୟ କୃତି। ନିୟୁ ଓଡ଼ିଶାର ପ୍ରୁଫ୍ ରିଡର ଭାବେ ତାଙ୍କର ସାମ୍ବାଦିକ ଜୀବନ ଆରମ୍ଭ ହୋଇଥିଲା। ସେ ଜନତା, ଗଣତନ୍ତ୍ର ଓ କଳିଙ୍ଗର ସଂପାଦକ ଥିଲେ। ତାଙ୍କ ସଂପାଦିତ ଶେଷ ଖବରକାଗଜ ହେଉଛି ସମ୍ବାଦ। ଏହାର ପ୍ରଥମ ସଂପାଦକ ଭାବେ ସେ ୧୯୮୪ ଅଗଷ୍ଟରେ ଯୋଗଦେଇଥିଲେ। ୧୯୨୨ ଜୁନ୍ ଆଜିର ଦିନରେ ଏହି ସଂଭ୍ରାନ୍ତ ସାହିତ୍ୟିକ ଜନ୍ମ ହୋଇଥିଲେ।

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,**
**ଦୂରଭାଷ : ୯୯୩୭୬୫୮୩୬୨**

# ସିଲ୍କ ସିଟି ଏମଜିଏଫ ୱାକେରସ କ୍ଲବର ତୃତୀୟ ଚାର୍ଟଏଡ୍ ନାଇଟ୍ ପାଳିତ



ବ୍ରହ୍ମପୁର,୨୬।୬ : ବର୍ତମାନ୍ ସମାଜ ରେ ପାରିବାରିକ ସମ୍ପର୍କ ରେ ଯେପରି ଅବକ୍ଷୟ ଘଟୁଛି, ତାହା ମଣିଷ ସମାଜ ର ଭବିଷ୍ୟତ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ । ବିଶେଷ କରି ପିଲାମାନେ ସ୍ୱାଧୀନ ଭାବେ ଓ ପରିବାର ଠାରୁ ଦୂରରେ ରହିବା ମନୋଭାବ ଯୋଗୁଁ ପିତା ମାତା ମାନକ ସେଶ ଜୀବନ କଷ୍ଟ କର ହୋଇପଡୁଛି। ପରିଣିତ ବୟସ ରେ ଜରା ନିବାସ ବା ଅସହାୟ ରେ ଜୀବନ କାଟିବାକୁ ପଡୁଛି। ଏଣୁ ପିଲା ମାନଙ୍କୁ ଉଚ୍ଚଶିକ୍ଷା ଦେବା ସହ, ମାଟି ମା ମାତୃଭାଷା କୁ ଭଲ ପାଇବା ସଂସ୍କାର ଦେବା ଆବଶ୍ୟକ । ପିତା ମାତା ମାନେ ଚଳନ୍ତି ଠାକୁର, ସେମାନଙ୍କ ସେବା ଓ ସମ୍ମାନ ଆମର ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ ବୋଲି ଗତକାଲି ପାର୍କ ସାହି ସ୍ଥିତ କାମଥ ହୋଟେଲ ସମ୍ମିଳନି ପ୍ରୋକୋଷ୍ଟ ରେ ସିଲ୍କ ସିଟି ଏମଜିଏଫ ୱାକେରସ କ୍ଲବ ର ତୃତୀୟ ଚାର୍ଟଏଡ୍ ନାଇଟ୍ ଓ ଇଣ୍ଟରନ୍ୟାସନାଲ କ୍ଲବ ର ଚାଳିଶ ବର୍ଷ ପୂର୍ତ୍ତି ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସମାଜସେବୀ ତଥା ମହାନ୍ ସଂଘ ସଭାପତି ଶ୍ରୀ ସୁଶାନ୍ତ କୁମାର ସାବତ ଯୋଗଦେଇ ଆହ୍ୱାନ କରିଥିଲେ। କ୍ଲବ ସଭାନେତ୍ରୀ ଶ୍ରୀମତୀ ଯାଜ୍ଞସେନୀ ଦେବୀ ସଭାପତିତ୍ୱ କରିବା ସହ ଅତିଥି, ସଦସ୍ୟ ସଦସ୍ୟା ଓ ଗଣମାଧ୍ୟମ ବ୍ୟକ୍ତିତ୍ୱ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କ୍ଲବ ତରଫରୁ ଅଧିକ ଜନ ହିତକର କାର୍ଯ୍ୟ ହାତକୁ ନିଆ ଯିବ ବୋଲି ସେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ କ୍ଲବ୍ ଗଭର୍ଣ୍ଣର ଶ୍ରୀ ରାଜ କିଶୋର ସ୍ୱାଇଁ ଓ ପୂର୍ବତନ ଗଭର୍ଣ୍ଣର ଶ୍ରୀ ସୀମାଞ୍ଚଳ ପାଣିଗ୍ରାହୀ ଯୋଗଦେଇ କ୍ଲବ୍ ର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ପାଦିକା ଶ୍ରୀମତୀ ଉଷା ରାଣି ସମ୍ପାଦକିୟ ବିବରଣି ପାଠ କରିଥିବା ବେଳେ କୋଷାଧକ୍ଷ ଶ୍ରୀ ଦଣ୍ଡପାଣି ପାତ୍ର, ସହ ସମ୍ପାଦକ ଶ୍ରୀ ସୂର୍ଯ୍ୟ ନାରାୟଣ ଚିନାରି,ପୂର୍ବତନ ସଭାପତି କେ ପୁଣ୍ଡରିଖା, ଏଲ୍ ଅନୁରାଧା, ବାଣୀଶ୍ରୀ, କ୍ଷଣପ୍ରଭା ପାଣିଗ୍ରାହୀ, ସରୋଜ ଗୁପ୍ତା ଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀ ସୀମାଞ୍ଚଳ ପାଣିଗ୍ରାହୀ ଙ୍କ ଜନ୍ମ ଦିନ ପାଳନ କରାଯାଇଥିବା ବେଳେ ବିଶିଷ୍ଟ କଣ୍ଠ ଶିଳ୍ପୀ ତଥା ସାମ୍ବାଦିକ ଶ୍ରୀ ସୁଦୀପ ସାହୁ ଙ୍କ ଗୀତ ସମସ୍ତ ଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

# ଟିପିଏସ୍ଓଡିଏଲ ତରଫରୁ ସୋନାପୁର ବେଳାଭୂମିରେ ସଫେଇ ଅଭିଯାନ

## କର୍ମଚାରୀଙ୍କ ମିଳିତ ପ୍ରୟାସରେ ୨୫୦କି.ଗ୍ରାରୁ ଅଧିକ ଆବର୍ଜନା ସଂଗ୍ରହ





ବ୍ରହ୍ମପୁର,୨୬।୬ : ପରିବେଶ ସଂରକ୍ଷଣ ଏବଂ ସମାଜ କଲ୍ୟାଣ ଲକ୍ଷ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍) ଗଞ୍ଜାମ ଜିଲ୍ଲାସ୍ଥିତ ସୋନାପୁର ବେଳାଭୂମିରେ ସଫେଇ ଅଭିଯାନ କାର୍ଯ୍ୟକ୍ରମ କରିଛି । ଯାହା କମ୍ପାନୀ ତରଫରୁ ଚାଲୁ ରହିଥିବା ଟାଟା ସଷ୍ଟେନେବିଲିଟି ମାସ ଅଭିଯାନ ଅନ୍ତର୍ଗତ ଏକ କାର୍ଯ୍ୟକ୍ରମ । ବନ ବିଭାଗ ସହାୟତାରେ କମ୍ପାନୀ ଏହି ସଫେଇ କାର୍ଯ୍ୟକ୍ରମ କରିଛି । ପରିବେଶ ସଂରକ୍ଷଣ ପ୍ରତି ନିଜର ଦାୟିତ୍ୱବୋଧକୁ ଦର୍ଶାଇ କମ୍ପାନୀର ବିଭିନ୍ନ ବିଭାଗର ୧୩୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଏହି ସଫେଇ ଅଭିଯାନରେ ଯୋଗ ଦେଇଥିଲେ । ଯାହା ପରିବେଶ ସୁରକ୍ଷା ଓ ସଂରକ୍ଷଣ ପ୍ରତି ଥିବା କମ୍ପାନୀର ସାମୂହିକ ଦାୟିତ୍ୱକୁ ଦର୍ଶାଉଛି। ଏହି ଅଭିଯାନରେ ସାମିଲ ହୋଇ ଟିପିଏସ୍ଓଡିଏଲର କର୍ମଚାରୀମାନେ ମିଳିତ ଭାବେ ୨୫୦କି.ଗ୍ରାରୁ ଅଧିକ ଆବର୍ଜନା ସଂଗ୍ରହ କରିଛନ୍ତି । ସମଗ୍ର ସୋନାପୁର ବେଳାଭୂମି ଅଞ୍ଚଳରେ ଏହି ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ସୋନାପୁର ବେଳାଭୂମିର ସୁନ୍ଦରତାକୁ ବଜାଏ ରଖିବା ଦିଗରେ କମ୍ପାନୀର ଏହି ଉଦ୍ୟମ ବିଶେଷ ଭାବରେ ସହାୟକ ହୋଇଛି । ଏହି କାର୍ଯ୍ୟକ୍ରମ ସମୟରେ କର୍ମଚାରୀମାନେ ସୋନାପୁର ବେଳାଭୂମି ପରିଦର୍ଶନରେ ଆସୁଥିବା ସ୍ଥାନୀୟ ସମୁଦାୟଙ୍କୁ ସଚେତନ କରାଇଥିଲେ । ସଚେତନତା ମୂଳକ କାର୍ଯ୍ୟକ୍ରମରେ ବର୍ଜ୍ୟବସ୍ତୁର ସୁପରିଚାଳନା, ପ୍ଲାଷ୍ଟିକର ବ୍ୟବହାର ହ୍ରାସ ଏବଂ ସାମୁଦ୍ରିକ ଜୀବ ଓ ଉପକୂଳ ପରିବେଶର ସୁରକ୍ଷା ଓ ସଂରକ୍ଷଣ ବାବଦରେ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା । ଏ ସମ୍ପର୍କରେ ଶ୍ରୀ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍ଓଡିଏଲ୍ କହିଛନ୍ତି, " ପରିବେଶ ସୁରକ୍ଷା କେବଳ ଏକ ଯୋଜନା ବା ପ୍ରକଳ୍ପ ନୁହେଁ, ଏହା ବ୍ୟକ୍ତିଗତ ଦାୟିତ୍ୱ, ଯାହା ସାମୂହିକ ଉଦ୍ୟମରେ ହାସଲ କରାଯାଇପାରିବ । ବେଳାଭୂମି ଓ ଉପକୂଳବର୍ତ୍ତୀ ପରିବେଶ, ଜାତୀୟ ସମ୍ପଦ ଅଟେ । ତେଣୁ ପରବର୍ତ୍ତୀ ପିଢି ପାଇଁ ଏହାର ସଂରକ୍ଷଣ ଏକାନ୍ତ ଆବଶ୍ୟକ । ପରିବେଶ ସଫେଇ ଭଳି ପଦକ୍ଷେପ ମାଧ୍ୟମରେ ଆମେ କମ୍ପାନୀର କର୍ମଚାରୀ ତଥା ସମାଜର ସବୁ ବର୍ଗର ଲୋକଙ୍କୁ ପରିବେଶ ସଂରକ୍ଷଣ ଓ ସବୁଜ ପୃଥିବୀ ଗଠନ ପ୍ରତି ସଚେତନ କରୁଛୁ । " କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସୋନାପୁର ବେଳାଭୂମି ସଫେଇ କାର୍ଯ୍ୟକ୍ରମ ସାମିଲ ହୋଇଛନ୍ତି। ଏହି ସଫେଇ ଅଭିଯାନ ଟିପିଏସ୍ଓଡିଏଲର ସ୍ଥାୟୀ ବିକାଶ ଏବଂ ସାମୁଦାୟିକ ସହଭାଗିତା ପ୍ରତି ଥିବା ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ କମ୍ପାନୀ କର୍ମଚାରୀଙ୍କ ମଧ୍ୟରେ ପରିବେଶ ସଂରକ୍ଷଣର ଭାବନା ବଢ଼ାଇବା ସହ ଦକ୍ଷିଣ ଓଡ଼ିଶାକୁ ଆହୁରି ସବୁଜ , ସୁନ୍ଦର ଓ ସୁରକ୍ଷିତ କରିବାର ଲକ୍ଷ୍ୟ ରଖିଛି।

# ଓଡ଼ିଆ ଛାତ୍ରଙ୍କର ଜାପାନ ଯାତ୍ରା



ଭୁବନେଶ୍ୱର,୨୬।୬ : ଓଡିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ ବିଭାଗ ଉଦ୍ୟମରେ ଜାପାନ ସରକାରଙ୍କର ପ୍ରାୟୋଜିତ ସମ୍ମାନଜନକ ସୁକୁରା ବିଜ୍ଞାନ ଶିକ୍ଷଣ ଶିବିରରେ ଯୋଗଦେବା ପାଇଁ କଟକ ଜିଲ୍ଲା ବିଜ୍ଞାନ ପରିଦର୍ଶିକା ବିଜ୍ଞାନ ସ୍ତମ୍ଭକାର ଶ୍ରୀମତୀ ସାଗରିକା ରାଉତଙ୍କ ତତ୍ତ୍ୱାବଧାନରେ ଓଡିଶାରୁ ତିନି ଜଣ ଛାତ୍ର ଜାପାନ ଗସ୍ତରେ ଯାଇଛନ୍ତି। ଏହି ଶିବିରରେ ସ୍ଥାନ ପାଇବା ପାଇଁ ସର୍ବଭାରତୀୟ ସ୍ତରରେ ଉଚ୍ଚ ବିଦ୍ୟାଳୟର ଛାତ୍ର-ଛାତ୍ରୀମାନଙ୍କର ସ୍ୱତନ୍ତ୍ର ମେଧା ପରୀକ୍ଷା ହୋଇଥାଏ। ଚଳିତ ପର୍ଯ୍ୟାୟରେ କୃତିତ୍ୱ ହାସଲ କରିଥିବା ଓଡିଶାର ଛାତ୍ର ଶ୍ରୀ ରାଜୁ ପ୍ରଧାନ, ସୁଶ୍ରୀ ତେଜସ୍ୱୀ, ଟାକେଶ୍ୱରୀ ସିନ୍ଧୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ଗତ ଜୁନ ୨୫ ତାରିଖରେ ଟ୍ରେନ ଯୋଗେ ଦିଲ୍ଲୀ ବାହାରି ଯାଇଛନ୍ତି। ସେଠାରୁ ଉଡାଜାହାଜରେ ଜାପାନ ଯିବେ। ୧୦ ଦିନ ବ୍ୟାପୀ ବିଭିନ୍ନ ବୈଷୟିକ ଅଭିଜ୍ଞତା ହାସଲ କରି ଦେଶକୁ ଫେରିବେ। କୁନି ବୈଜ୍ଞାନିକମାନଙ୍କୁ ବିଦାୟ ଦେବାକୁ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ରାଉତ ରେଳ ଷ୍ଟେସନରେ ଉପସ୍ଥିତ ଥିଲେ। ଓସେପାର ସଚିବ ଡକ୍ଟର ଥିରୁମଲ ନାୟକ ଓ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ ଛାତ୍ରମାନଙ୍କର ଉନ୍ନତି କାମନା କରିବା ସହିତ ଶୁଭେଚ୍ଛା ଜଣାଇଛନ୍ତି।

# ଶିକ୍ଷା ବ୍ୟବସ୍ଥା ସଙ୍କଟରେ, ଦେଶର ଭବିଷ୍ୟତ ବିପନ୍ନ: କଂଗ୍ରେସ



ବାଲେଶ୍ୱର,୨୬।୬ : ଯେକୌଣସି ଜାତି ଓ ସଭ୍ୟତାର ଆତ୍ମା ହେଉଛି ଶିକ୍ଷା। ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଲେ ସଭ୍ୟତା ମଧ୍ୟ ବିପର୍ଯ୍ୟୟ ଆଡ଼କୁ ଗତି କରିଥାଏ। ବର୍ତ୍ତମାନ ଦେଶର ଶିକ୍ଷା କ୍ଷେତ୍ରରେ ସୃଷ୍ଟି ହୋଇଥିବା ଅବ୍ୟବସ୍ଥା ଭାରତର ଭବିଷ୍ୟତକୁ ବିପନ୍ନ କରୁଛି ବୋଲି ଜିଲ୍ଲା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ଶୁକ୍ରବାର ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ 'ଶିକ୍ଷା ବଞ୍ଚାଅ, ଦେଶ ବଞ୍ଚାଅ' ଶୀର୍ଷକରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାନସଭାର କଂଗ୍ରେସ ବିଧାୟକ ଦଳର ଉପନେତା ତଥା ବାସୁଦେବପୁର ବିଧାୟକ ଅଶୋକ ଦାସ ଏବଂ ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ମଧୁମିତା ସେଠୀ ପଣ୍ଡା ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶିକ୍ଷାନୀତି ଓ ପରିଚାଳନାକୁ କଡ଼ା ସମାଲୋଚନା କରିଥିଲେ। ସେମାନେ କହିଥିଲେ ଯେ, ନିଟ୍ ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଦେଶର ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ସରକାରୀ ତଥ୍ୟ ଅନୁଯାୟୀ ୧୮ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବା ବେଳେ ବାସ୍ତବ ସଂଖ୍ୟା ୩୨ରୁ ଅଧିକ ହୋଇଥିବା ସେମାନେ ଦାବି କରିଥିଲେ। ୨୨ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ଏହି ପରୀକ୍ଷା ପାଇଁ ପ୍ରାୟ ୧.୩୨ ଲକ୍ଷ କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ତାହା ଶିକ୍ଷା ମନ୍ତ୍ରଣାଳୟର ବାର୍ଷିକ ବଜେଟ୍ ସହ ସମକକ୍ଷ ବୋଲି ଉଲ୍ଲେଖ କରିଥିଲେ। ଏନ୍‌ଟିଏ ବର୍ତ୍ତମାନ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ପରିବର୍ତ୍ତେ 'ନ୍ୟାସନାଲ ଟ୍ରମା ଏଜେନ୍ସି'ରେ ପରିଣତ ହୋଇଯାଇଛି ବୋଲି କଟାକ୍ଷ କରି ବକ୍ତାମାନେ କହିଥିଲେ, ଦେଶକୁ ବଞ୍ଚାଇବାକୁ ହେଲେ ପ୍ରଥମେ ଶିକ୍ଷାକୁ ବଞ୍ଚାଇବା ଆବଶ୍ୟକ। ଏଥିପାଇଁ ବର୍ତ୍ତମାନର କେନ୍ଦ୍ର ସରକାରକୁ କ୍ଷମତାରୁ ହଟାଇବା ଦରକାର ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଶେଷରେ ଜିଲ୍ଲା ସାଧାରଣ ସମ୍ପାଦକ ନିଶିଥ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ପ୍ରତିମା ପଣ୍ଡା, ଜିଲ୍ଲା ଅନୁସୂଚିତ ଜାତି ସେଲ୍ ଅଧ୍ୟକ୍ଷ ବିଧାନ ଜେନା, ଆଶିଷ ପଟ୍ଟନାୟକ, ତୁଷାରକାନ୍ତି ତପସ୍ୱୀ, ବିଜୟ ମହାନ୍ତି, ଯୋଗେଶ୍ୱର ବେହେରା, ଦେବଦତ୍ତ ଦାସ, ତରୁଣ ଦାସ, କୁମୁଦିନୀ ଦାସ, ପଶୁପତି ଉପାଧ୍ୟାୟ, କହ୍ନେଇ ବେହେରା ଓ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଦିନିକିଆ ବାଲେଶ୍ୱର ଗସ୍ତ ଶାନ୍ତି କାନନରେ ବୃକ୍ଷରୋପଣ

ବାଲେଶ୍ୱର,୨୬।୬ : ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଶୁକ୍ରବାର ଦିନିକିଆ ବାଲେଶ୍ୱର ଗସ୍ତରେ ଆସି ବିଭିନ୍ନ ସାଂଗଠନିକ ଓ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ତାଙ୍କ ସହ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି ଓ ରାଜ୍ୟ ସମ୍ପାଦକ ସରୋଜ କର ଉପସ୍ଥିତ ଥିଲେ। ସକାଳେ ସେମାନେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜନ୍ମସ୍ଥଳୀ ଶାନ୍ତି କାନନ ପରିଦର୍ଶନ କରି ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ସଫେଇ କାର୍ଯ୍ୟକ୍ରମରେ ସାମିଲ ହେବା ସହ ବିଭିନ୍ନ ଫଳନ୍ତି ଓ ପୁଷ୍ପ ବୃକ୍ଷ ରୋପଣ କରି ଶାନ୍ତି କାନନର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ଆହ୍ୱାନ ଦେଇଥିଲେ। ଏହାପରେ ବିଶେଷ ଗୃହ ସମ୍ପର୍କ ଅଭିଯାନ ଅବସରରେ ସଦର ଓ ରେମୁଣା ନିର୍ବାଚନମଣ୍ଡଳୀର କିଛି ବିଶିଷ୍ଟ ବ୍ୟକ୍ତିଙ୍କ ବାସଭବନକୁ ଯାଇ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ଓ କେନ୍ଦ୍ର ସରକାରଙ୍କ ୧୨ ବର୍ଷର ସଫଳତା ସମ୍ପର୍କରେ ଅବଗତ କରାଇଥିଲେ। ସେହି ସମୟରେ ସ୍ଥାନୀୟ ଲୋକଙ୍କ ମତାମତ ଓ ପରାମର୍ଶ ମଧ୍ୟ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରର କୋର୍ କମିଟି ବୈଠକରେ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନ, ସାଂଗଠନିକ ସୁଦୃଢ଼ୀକରଣ ଓ ଦଳୀୟ କାର୍ଯ୍ୟକ୍ରମ ସମ୍ପ୍ରସାରଣ ଉପରେ ଆଲୋଚନା କରିଥିଲେ। ପରେ ବାଲେଶ୍ୱର ଓ ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲ୍ଲା କମିଟି ସହ ପୃଥକ୍ ବୈଠକ କରି କାର୍ଯ୍ୟକର୍ତ୍ତାମାନଙ୍କୁ ସଂଗଠନ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡସାହି ବିଧାୟକ ସନାତନ ବିଜୁଳିଙ୍କ ସମେତ ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତୃବୃନ୍ଦ ଏବଂ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



# ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ପାଳନ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ଦୀର୍ଘାୟୁ କାମନା କଲେ ବିଜେପି ନେତା ଓ କର୍ମୀ



ବ୍ରହ୍ମପୁର,୨୬।୬ : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଅବସରରେ ଶୁକ୍ରବାର ବ୍ରହ୍ମପୁରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଜେପିର ଜାତୀୟ କାଉନସିଲ୍ ସଦସ୍ୟ ତଥା ବରିଷ୍ଠ ନେତା କାହ୍ନୁ ଚରଣ ପତିଙ୍କ ନେତୃତ୍ୱରେ ସ୍ଥାନୀୟ ମା' ବୁଢ଼ୀ ଠାକୁରାଣୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ବିଜେପିର ନେତା ଓ କର୍ମୀମାନେ ମା' ବୁଢ଼ୀ ଠାକୁରାଣୀଙ୍କ ନିକଟରେ ପୂଜା ଅର୍ଚ୍ଚନା କରିବା ସହ ଦୀପ ପ୍ରଜ୍ୱଳନ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସୁସ୍ଥ, ନିରାମୟ ଓ ଦୀର୍ଘାୟୁ ଜୀବନ କାମନା କରିଥିଲେ। ଏହି ଅବସରରେ କାହ୍ନୁ ଚରଣ ପତି କହିଥିଲେ ଯେ, ଓଡ଼ିଶାର ବିକାଶ, ଶିକ୍ଷା କ୍ଷେତ୍ରର ଉନ୍ନତି ଓ ରାଜ୍ୟର ସ୍ୱାର୍ଥ ପାଇଁ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ଉପସଭାପତି ପ୍ରଭାତ ଷଡ଼ଙ୍ଗୀ, ପ୍ରବୀର ପାତ୍ର, ସରୋଜ ପାତ୍ର, ଧର୍ମରାଜ ପାଣିଗ୍ରାହୀ, ପ୍ରଫୁଲ୍ଲ ପାଣିଗ୍ରାହୀ, ମନୋଜ ପଣ୍ଡା, ଅମର ସାହୁ, ରବି କୁମାର, ସହଦେବ ପ୍ରଧାନ, ବି ରବି ରାଓଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

# ଛାତ୍ରଛାତ୍ରୀଙ୍କୁ ମୂର୍ଖ କରିବା ପାଇଁ ପ୍ରସ୍ତୁତ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକକୁ ବର୍ଜନ କରି ଚଳିତ ବର୍ଷ ପୂର୍ବ ବହିରେ ପାଠ ପଢାଯାଉ

ବ୍ରହ୍ମପୁର,୨୬।୬ : ବିଜ୍ଞାନସମ୍ମତ ପାଠ୍ୟକ୍ରମ ଭିତ୍ତିକ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ଯାଏଁ ଗତ ବର୍ଷ ବହିରେ ଶିକ୍ଷାଦାନ କରିବା, ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ମୂର୍ଖ କରିବା ପାଇଁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତୁତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ସଂପୂର୍ଣ୍ଣ ବର୍ଜନ କରିବାକୁ ଆଜି ବ୍ରହ୍ମପୁର ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଏଆଇଡିଏସଓ, ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଓଡ଼ିଶାର ସ୍ୱାଭିମାନୀ ଜନଗଣଙ୍କୁ ଆବେଦନ କରାଯାଇଛି । ଏହା ସହ ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରିତ ଅବୈଜ୍ଞାନିକ ପାଠ୍ୟକ୍ରମ ତଥା ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା, , ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀଙ୍କ ସମେତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରସ୍ତୁତିରେ ଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ କଠୋର ଶାସ୍ତିଦେବା, ଜାତୀୟ ଶିକ୍ଷା ନୀତି -୨୦୨୦ ବାତିଲ କରିବା ପାଇଁ ଏଆଇଡିଏସଓ ଦାବି କରିଛି । ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଆଧାରରେ ରାଜ୍ୟ ବିଜେପି ସରକାର ଚଳିତ ବର୍ଷ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଯେଉଁ ନୂତନ ପାଠ୍ୟପୁସ୍ତକ ଛାପିଛନ୍ତି, ତାହା ଭୁଲରେ ଭର୍ତ୍ତି । ବର୍ତ୍ତମାନ ସୁଦ୍ଧା ୨୬୦୦ ଅଧିକ ତଥ୍ୟଗତ ଓ ବନାନଗତ ତ୍ରୁଟି ଧରାପଡ଼ି ସାରିଥିବା ବେଳେ ଏହି ନିରୀକ୍ଷଣ ପ୍ରକ୍ରିୟା ଜାରି ରହିଛି ଏବଂ ଆଗକୁ ଆହୁରି ହଜାର ହଜାର ଭୁଲ ବାହାରିବାର ସମ୍ଭାବନା ରହିଛି । ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, କେବଳ ବନାନ ନୁହେଁ ବରଂ ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗଢ଼ା କାହାଣୀ ସ୍ଥାନିତ କରାଯାଇଛି, ଯାହା ଶିକ୍ଷାର ମୂଳଦୁଆକୁ ସଂପୂର୍ଣ୍ଣ ଧ୍ୱଂସ କରିବ । ସରକାର ନିଜର ଭୁଲ୍ ଲୁଚାଇବାକୁ ଯାଇ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଏକ 'ସଂଶୋଧନ ଦଲିଲ' ପ୍ରସ୍ତୁତ କରିଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଏହି ସଂଶୋଧନ ଦଲିଲରେ ମଧ ବ୍ୟାପକ ତ୍ରୁଟି ରହିଛି । ସଂଶୋଧନ ଦଲିଲରେ ଯେତିକି ଭୁଲ୍ ଦର୍ଶାଯାଇଛି ତା' ଠାରୁ ବହୁ ଅଧିକ ଭୁଲ୍ ସାମ୍ନାକୁ ଆସୁଛି । ଏହା ସରକାରୀ ବ୍ୟବସ୍ଥାର ଚରମ ଅପାରଗତାକୁ ଦର୍ଶାଉଛି । ଏହି ସଂଶୋଧନ ଦଲିଲ ଦେଇ ଶିକ୍ଷକମାନଙ୍କୁ ଅଧିକ ଚାପଗ୍ରସ୍ତ କରି ସରକାର ନିଜର ଦାୟିତ୍ୱରୁ ଓହରି ଯିବାର ପ୍ରୟାସ କରିଛନ୍ତି। ଏହାକୁ ମଧ୍ୟ ସଂଗଠନ ପକ୍ଷରୁ କଠୋର ଭାଷାରେ ନିନ୍ଦା କରାଯାଇଛି। ବର୍ତମାନ ଜୁଲାଇ ମାସ ହେବାକୁ ଯାଉଛି, ଏପ୍ରିଲ ମାସରୁ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଛି। ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ଥିବା ଯୋଗୁଁ ବିଦ୍ୟାଳୟଗୁଡିକରେ ଏପର୍ଯ୍ୟନ୍ତ ପଢା କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଆଜି ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ସମସ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକକୁ ପ୍ରତ୍ୟାହାର କରାଯିବ କିନ୍ତୁ କେତେଦିନ ମଧ୍ୟରେ ତ୍ରୁଟିମୁକ୍ତ ପୁସ୍ତକ ଛାପି ପିଲାଙ୍କୁ ବଣ୍ଟନ କରାଯିବ ସେ ସମ୍ପର୍କରେ କୌଣସି ସୂଚନା ସେ ଦେଇନାହାନ୍ତି। ବାସ୍ତବରେ ଅଳ୍ପ ସମୟ ମଧ୍ୟରେ ଭୁଲ ସଂଶୋଧନ କରି ବୈଜ୍ଞାନିକ ପାଠ୍ୟକ୍ରମ ସମ୍ବଳିତ ପୁସ୍ତକ ପ୍ରଦାନ କରିବା ଚଳିତ ବର୍ଷ ସମ୍ଭବ ନୁହେଁ। ତେଣୁ ଚଳିତ ବର୍ଷ ସେହି ପୂର୍ବ ବହିରେ ପାଠ ପଢା ଆରମ୍ଭ କରିବା ଉଚିତ ହେବ ।ଅନ୍ୟଦିଗରେ ସରକାରୀ ପାଠ୍ୟ ପୁସ୍ତକ ମୁଦ୍ରଣ ସଂସ୍ଥା ଓ ସରକାରୀ ମୁଦ୍ରଣ ସଂସ୍ଥା ଥିବା ସତ୍ତ୍ୱେ ଘରୋଇ ସଂସ୍ଥାକୁ ପାଠ୍ୟ ପୁସ୍ତକ ମୁଦ୍ରଣ ପାଇଁ ଦିଆଯାଇଛି। ଏଥିରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଆଇଡିଏସଓ ପକ୍ଷରୁ ବାରମ୍ବାର ସତର୍କ କରାଇ ଦିଆଯାଇଥିଲା ଯେ ଜାତୀୟ ଶିକ୍ଷା ନୀତି-୨୦୨୦ ହେଉଛି ଏକ ଶିକ୍ଷା ଧ୍ୱଂସକାରୀ ନୀତି । ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ସାଂପ୍ରଦାୟୀକରଣ, ଧନ୍ଦାମୁଖୀକରଣ ଓ କେନ୍ଦ୍ରୀକରଣ । ଆଜି ସମଗ୍ର ଭାରତବର୍ଷ ତଥା ଆମ ରାଜ୍ୟରେ ଥିବା ଡବଲ ଇଞ୍ଜିନ ସରକାର ଏହି ନୀତିକୁ ଲାଗୁ କରି ସରକାରୀ ଶିକ୍ଷା ବ୍ୟବସ୍ଥାର ସଂପୂର୍ଣ୍ଣ ବିନାଶ ପାଇଁ ବାଟ ଫିଟାଇଛନ୍ତି । ଗୋଟାଏ ଦିଗରେ ସରକାରୀ ସ୍କୁଲ ବନ୍ଦ କରୁଛନ୍ତି, ଶିକ୍ଷକ ନିଯୁକ୍ତି ଦେଉନାହାନ୍ତି ଅନ୍ୟ ଦିଗରେ ଏଭଳି ଅବୈଜ୍ଞାନିକ ପାଠ୍ୟକ୍ରମ ଭିତ୍ତିକ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶ କରି ସରକାରୀ ଶିକ୍ଷା ବ୍ୟବସ୍ଥାକୁ ପୁରାପୁରି ରୁଗ୍ ?ଣ କରୁଛନ୍ତି । ଯେଉଁ ବୟସରେ ଏକ ଛାତ୍ରର ବୌଦ୍ଧିକ ଓ ମୌଳିକ ବିକାଶ ଆରମ୍ଭ ହୁଏ, ସେହି ବୟସରେ ସେମାନଙ୍କ ମସ୍ତିଷ୍କରେ ମନଗଢ଼ା ଓ ଅଯୌକ୍ତିକ ବିଷୟ ପୂରାଇ ସେମାନଙ୍କୁ କୂପମଣ୍ଡୁକ କରିବା ପାଇଁ ସରକାର ପ୍ରୟାସ କରୁଛନ୍ତି । ପାଠ୍ୟକ୍ରମର ଏହି ଢାଞ୍ଚାଗତ ପରିବର୍ତ୍ତନ ଶିକ୍ଷାର ଗୈରିକୀକରଣ ଓ ସାଂପ୍ରଦାୟୀକରଣ ଦିଗକୁ ନିର୍ଦ୍ଦେଶିତ କରୁଛି ବୋଲି ଆଜିର ସମ୍ମିଳନୀରେ ଏଆଇଡିଏସଓ ପକ୍ଷରୁ କୁହାଯାଇଛି। ଏଆଇଡିଏସଓ ଆସନ୍ତା ଦିନରେ ଏହି ଆନ୍ଦୋଳନକୁ ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ବ୍ଲକ ଏବଂ ବିଦ୍ୟାଳୟ ସ୍ତରରେ ପହଞ୍ଚାଇବାକୁ ନିଷ୍ପତ୍ତି ନେଇଛି । ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷାପ୍ରେମୀ ଜନଗଣଙ୍କୁ ସାମିଲ କରି ଏହି ଗଣଆନ୍ଦୋଳନକୁ ଆହୁରି ତୀବ୍ରତର ତଥା ଶକ୍ତିଶାଳୀ କରାଯିବ ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ଏଆଇଡିଏସଓର ନେତୃବୃନ୍ଦ ଘୋଷଣା କରିଛନ୍ତି ।




# ପ୍ରହ୍ଲାଦ ନାଟକଗୁରୁ ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ରଙ୍କୁ ନାଗରିକ ସମ୍ବର୍ଦ୍ଧନା

ବ୍ରହ୍ମପୁର,୨୬।୬ : ଓଡ଼ିଆ ଜାତୀୟତାର ଐତିହାସିକ ସ୍ମୃତିପୀଠ ଉତ୍କଳ ଆଶ୍ରମ ପକ୍ଷରୁ ପ୍ରହ୍ଲାଦ ନାଟକ ଗୁରୁ ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ରଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗତ ଜୁନ୍ ୨୩ ତାରିଖ ଦିନ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଲୋକନାଟ୍ୟ ଗୁରୁ ସୀମାଞ୍ଚଳ ପାତ୍ରଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ପଦ୍ମଶ୍ରୀ' ସମ୍ମାନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ନୂଆଦିଲ୍ଲୀରୁ ଫେରିବା ପରେ ଗୁରୁବାର ଅପରାହ୍ନରେ ସେ ଭୁବନେଶ୍ୱରରେ ପହଞ୍ଚିଥିଲେ ଏବଂ ବିଳମ୍ବିତ ଅପରାହ୍ଣରେ ଭୁବନେଶ୍ୱରରୁ ବାହାରି ରାତି ସାଢ଼େ ୮ଟାରେ ବ୍ରହ୍ମପୁର ଉତ୍କଳ ଆଶ୍ରମ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଉତ୍କଳ ଆଶ୍ରମ ନ୍ୟାସ ପକ୍ଷରୁ ପ୍ରହ୍ଲାଦ ନାଟକର ଖ୍ୟାତିପ୍ରାପ୍ତ ବର୍ଷୀୟାନ୍ ଗୁରୁ ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ରଙ୍କୁ ଉପଢୌକନ ଓ ପୁଷ୍ପସ୍ତବକ ପ୍ରଦାନ ପୂର୍ବକ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପଦ୍ମଶ୍ରୀ ପାତ୍ରଙ୍କ ସାନପୁଅ ସାଇବ ପାତ୍ର ଓ ଲୋକନାଟ୍ୟ କଳାକାର ଆଲୋକ ବିଷୋୟୀ ମଞ୍ଚାସୀନ ଥିଲେ। ଉତ୍କଳ ଆଶ୍ରମ ନ୍ୟାସର ସଂପାଦକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏହି ସମ୍ବର୍ଦ୍ଧନା ସଭାରେ ପୌରୋହିତ୍ୟ କରିଥିଲେ । କଳିଙ୍ଗ ସାହିତ୍ୟ ସମାଜ ସମ୍ପାଦକ ଡ. ଶରତ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. କୃଷ୍ଣପ୍ରସାଦ ମହାପାତ୍ର, ଡ. ଅନନ୍ତରାମ କର କୌଣ୍ଡିନ୍ୟ, ବଡ଼ଖେମୁଣ୍ଡି ରାଜ ପରିବାର ସଦସ୍ୟ ସିଦ୍ଧାନ୍ତ ଗଙ୍ଗଦେବ, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢ଼ୀ, ଡ. ରମେଶ ଚନ୍ଦ୍ର ପ୍ରଧାନ, ଅନୁପ କୁମାର ମିଶ୍ର, ଡ. କୁଳମଣି ଓଝା, ଡ. ସଞ୍ଜୟ କୁମାର ପଣ୍ଡା, ଡ. ପ୍ରଦୋଷ କୁମାର ସ୍ୱାଇଁ, ଡ. ଅଶୋକ କୁମାର ପଣ୍ଡା, ଡ. ମନୋରଞ୍ଜନ ବିଷୋୟୀ, ନଳିନୀକାନ୍ତ ଗୌଡ଼, ଦିନବନ୍ଧୁ ଶ୍ରୀପଲ୍ଲୀ, ରାଜଗୋପାଳ ପାଢ଼ୀ, ଡ. ମିହିର କୁମାର ତ୍ରିପାଠୀ, ସମୀର ଆଚାର୍ଯ୍ୟ, ରବୀନ୍ଦ୍ର କୁମାର ନାୟକଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ପଦ୍ମଶ୍ରୀ ପାତ୍ରଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି
# ଶ୍ରମିକ ବଦଳରେ ମେସିନ କରୁଛି କାମ
## ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅର୍ଥ ହରିଲୁଟ୍ ଅଭିଯୋଗ

**ଭବାନୀପାଟଣା,୨୬।୬ :** ରାଜ୍ୟରେ ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ଓ ଗରିବ ଶ୍ରମିକଙ୍କୁ ସ୍ଥାନୀୟ ଅଞ୍ଚଳରେ ଶହେ ଦିନର ରୋଜଗାର ଯୋଗାଇଦେବା ପାଇଁ ସରକାର ପ୍ରଣୟନ କରିଥିବା ମନରେଗା ଯୋଜନା ଏବେ କଳାହାଣ୍ଡି ଜିଲ୍ଲାରେ ବାଟବଣା ହୋଇଛି। କିଛି ଅସାଧୁ ସରକାରୀ କର୍ମଚାରୀ ଓ ଜନପ୍ରତିନିଧିଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏହି ଜନକଲ୍ୟାଣକାରୀ ଯୋଜନା ଏବେ ମାଲାମାଲ ହେବାର ସହଜ ମାଧ୍ୟମ ସାଜିଛି। ଏଭଳି ଏକ ସଙ୍ଗୀନ ତଥା ଚାଞ୍ଚଲ୍ୟକର ଦୁର୍ନୀତିର ଅଭିଯୋଗ ସାମ୍ନାକୁ ଆସିଛି କଳାହାଣ୍ଡି ଜିଲ୍ଲା କରଲାମୁଣ୍ଡା ବ୍ଲକ୍ ବୋରପଦର ପଞ୍ଚାୟତରୁ। ଏଠାରେ ଶ୍ରମିକଙ୍କ ହକ୍ ମାରି ମେସିନ ସାହାଯ୍ୟରେ କାମ କରାଯାଉଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟରେ ଚଞ୍ଚକତା ମିଳିଥିବା ସୂଚନା ମୁତାବକ, ବୋରପଦର ପଞ୍ଚାୟତରେ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ରେ ପ୍ରାୟ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସ୍ଥାନୀୟ ସରପଞ୍ଚ ନିଜ ହାତକୁ ନେଇଛନ୍ତି। କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ସମସ୍ତ କାର୍ଯ୍ୟରେ ସ୍ଥାନୀୟ ଗରିବ ଶ୍ରମିକମାନଙ୍କୁ ନିୟୋଜିତ କରାନଯାଇ ଜେସିବି ଓ ଅନ୍ୟାନ୍ୟ ମେସିନ ଦ୍ୱାରା କାମ ଶେଷ କରାଯାଇଛି।

ଗତ ଆର୍ଥିକ ବର୍ଷର କିଛି ପ୍ରମୁଖ ସରକାରୀ ଅଟକଳ ଓ କାର୍ଯ୍ୟର ତାଲିକା,ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, କେବଳ ଚଳିତ ବର୍ଷ ନୁହେଁ, ବରଂ ଆର୍ଥିକ ବର୍ଷ ୨୦୨୫-୨୬ରେ ମଧ ବ୍ୟାପକ ଅନିୟମିତତା କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଛି। ତାହାର ଏକ ସଂକ୍ଷିପ୍ତ ବିବରଣୀ:ଭଟାପଲା ଗ୍ରାମ (କରନାଳି କାମ): ସରକାରୀ ଅଟକଳ ୯ ଲକ୍ଷ ୭୫ ହଜାର ୯୦୭ ଟଙ୍କା। ଅଗାଧୁପୁର ଗ୍ରାମ (କେନାଲ ପଡିଆ ରିଞ୍ଜା ଡିସଟ୍ରିବ୍ୟୁଟର ୧୦ ନଂ କାରନାଳି କାମ): ସରକାରୀ ଅଟକଳ ୯ ଲକ୍ଷ ୭୪ ହଜାର ୯୧୫ ଟଙ୍କା। ଭଟାପଲା ଗ୍ରାମ (କେନାଲ ପଡିଆ ରିଞ୍ଜା ଡିସଟ୍ରିବ୍ୟୁଟର ୫ ନଂ ୟାଲେଟ କାରନାଳି କାମ), ସରକାରୀ ଅଟକଳ ୯ ଲକ୍ଷ ୭୫ ହଜାର ୯୦୭ ଟଙ୍କା। ଭଟ୍ଟାପଲା କେନାଲ ରୋଡ଼ରୁ ବିଶ୍ୱାମିତ୍ର ଭୋଇ ରୋଡ଼ (ମେଟାଲ ମୋରମ ରାସ୍ତା): ସରକାରୀ ଅଟକଳ ୯ ଲକ୍ଷ ୯୫ ହଜାର ୩୧ ଟଙ୍କା। ଭଟାପଲା ଗ୍ରାମ (କେନାଲ ପଡିଆ ସରାବହାଲି ସବ ମାଇନର ନଂ ୨ କାରନାଳି କାମ): ସରକାରୀ ଅଟକଳ ୯ ଲକ୍ଷ ୭୫ ହଜାର ୯୦୭ ଟଙ୍କା। ଭଟାପଲା ଗ୍ରାମ (କେନାଲ ପଡିଆ ସରାବାହାଲି ସବ ମାଇନର ନଂ ୩ କାରନାଳି କାମ): ସରକାରୀ ଅଟକଳ ୯ ଲକ୍ଷ ୭୫ ହଜାର ୯୦୭ ଟଙ୍କା ର ରହିଛି । ଗ୍ରାମବାସୀଙ୍କ ସଙ୍ଗୀନ ଅଭିଯୋଗ ଅନୁସାରେ, ସରପଞ୍ଚ ସୁବାସ ସାହୁ ପଞ୍ଚାୟତର ସମସ୍ତ ମନରେଗା କାମକୁ ନିଜ ଅକ୍ତିଆରରେ ରଖି ମେସିନ ଦ୍ୱାରା କାମ କରାଉଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ ସେ କୌଣସି ପଦକ୍ଷେପ ନେଉନାହାନ୍ତି। ଓଲଟା ସବୁ ଦେଖି ନଦେଖିଲା ଭଳି କେବଳ ମେସିନ ଚାଲିଥିବା କାମର ବିଲ୍ ପାସ୍ କରିବାରେ ବ୍ୟସ୍ତ ଅଛନ୍ତି। ପଞ୍ଚାୟତର ଏଡିଓ, ଗାଁ ସାଥି ଏବଂ ସରପଞ୍ଚ ମିଳିମିଶି ଏହି ସରକାରୀ ଟଙ୍କାକୁ ହରିଲୁଟ୍ କରୁଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ଦୀର୍ଘ ଦିନରୁ ଚାଲିଥିବା ଏହି ଦୁର୍ନୀତିର ପର୍ଦ୍ଦାଫାଶ କରିବା ସହ ଗରିବ ଶ୍ରମିକଙ୍କୁ ସେମାନଙ୍କର ପ୍ରାପ୍ୟ ଦେବା ପାଇଁ ଏହି ସମସ୍ତ କାର୍ଯ୍ୟର ଏକ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ କରିବାକୁ ଗ୍ରାମବାସୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ଦୃଢ଼ ଦାବି କରିଛନ୍ତି।



## ପାଳିତ ହେଲା ‘ସମ୍ବିଧାନ ହତ୍ୟା ଦିବସ’
# ‘ଜରୁରୀକାଳୀନ ପରିସ୍ଥିତି ଦେଶର ଗଣତନ୍ତ୍ର ଉପରେ କଳା ଅଧ୍ୟାୟ’



**ବାଲେଶ୍ୱର,୨୬।୬ :** ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହେବାର ୫୧ ବର୍ଷ ପୂର୍ତ୍ତି ଅବସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଶୁକ୍ରବାର ଗାନ୍ଧୀ ସ୍ମୃତି ଭବନଠାରେ ‘ସମ୍ବିଧାନ ହତ୍ୟା ଦିବସ’ ପାଳନ କରାଯାଇଛି। ଏହି ଅବସରରେ ଏକ ବିଶାଳ ବୁଦ୍ଧିଜୀବୀ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଜିଲ୍ଲା ସଭାପତି ଈଶ୍ୱରଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମନମୋହନ ସାମଲ ମୁଖ୍ୟ ଅତିଥି ଏବଂ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜରୁରୀକାଳୀନ ପରିସ୍ଥିତିର ଐତିହାସିକ ପୃଷ୍ଠଭୂମି ଓ ତାହାର ପ୍ରଭାବ ସମ୍ପର୍କରେ ମତ ରଖିଥିଲେ। ଅତିଥି ପରିଚୟ, ସମ୍ବର୍ଦ୍ଧନା ଓ ସାମୂହିକ ‘ବନ୍ଦେ ମାତରମ୍’ ଗାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବକ୍ତାମାନେ କହିଥିଲେ ଯେ, ୧୯୭୫ ମସିହାରେ ଜରୁରୀକାଳ ଘୋଷଣା ଦେଶର ଗଣତାନ୍ତ୍ରିକ ଇତିହାସରେ ଏକ କଳା ଅଧ୍ୟାୟ ଥିଲା ଏବଂ ସେତେବେଳେ ଲୋକଙ୍କ ମୌଳିକ ଓ ଗଣତାନ୍ତ୍ରିକ ଅଧିକାର କ୍ଷୁଣ୍ଣ ହୋଇଥିଲା। ବକ୍ତାମାନଙ୍କ ମତାନୁସାରେ, ୧୯୭୫ ଜୁନ୍ ୧୨ରେ ଆହ୍ଲାବାଦ ହାଇକୋର୍ଟ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନକୁ ଅବୈଧ ଘୋଷଣା କରିବା ପରେ ଦେଶର ରାଜନୀତିରେ ଅସ୍ଥିରତା ସୃଷ୍ଟି ହୋଇଥିଲା ଓ ପରବର୍ତ୍ତୀ ସମୟରେ ଜରୁରୀକାଳ ଲାଗୁ କରାଯାଇଥିଲା। ଗଣତାନ୍ତ୍ରିକ ମୂଲ୍ୟବୋଧ, ସାମ୍ବିଧାନିକ ମର୍ଯ୍ୟାଦା ଓ ନ୍ୟାୟବ୍ୟବସ୍ଥା ପ୍ରତି ସମ୍ମାନକୁ ଅବମାନନା କରାଯାଇଥିବା ଅଭିଯୋଗ ମଧ ସେମାନେ ଉଠାଇଥିଲେ। ଯୁବପିଢ଼ି ଓ ଆଗାମୀ ପିଢ଼ିଙ୍କୁ ଏହି ଐତିହାସିକ ଘଟଣା ସମ୍ପର୍କରେ ସଚେତନ କରିବା ଏବଂ ଭବିଷ୍ୟତରେ ଏଭଳି ପରିସ୍ଥିତିର ପୁନରାବୃତ୍ତି ନ ହେବା ପାଇଁ ସମସ୍ତଙ୍କୁ ସଜାଗ ରହିବାକୁ ବକ୍ତାମାନେ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦଚନ୍ଦ୍ର ଦାସ, ଯୋଜନା ବୋର୍ଡ ଅଧକ୍ଷ ପଦ୍ମଲୋଚନ ପଣ୍ଡା, ସଦର ବିଧାୟକ ମାନସକୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଜ୍ୟ ଉପସଭାପତି ଶିପ୍ରା ବାଜପେୟୀ, ପୂର୍ବତନ ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ସମ୍ପାଦକ ସରୋଜ କର, ଜଳେଶ୍ୱର ବିଧାୟକ ବ୍ରଜମୋହନ ପ୍ରଧାନ, ବସ୍ତାର ରବୀନ୍ଦ୍ର ଅଣ୍ଡିଆ ଓ ଭୋଗରାଇର ଆଶିଷ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଚନ୍ଦ୍ରଶେଖର ନନ୍ଦ ସଭା ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଜାତୀୟ ସଙ୍ଗୀତ ଗାନ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା।

# ପୂର୍ବ ଯୋଜନାବଦ୍ଧ ହତ୍ୟା, ତଦନ୍ତରେ ୪ ସ୍ୱତନ୍ତ୍ର ଟିମ୍: ଡିଆଇଜି ପିନାକ ମିଶ୍ର



**ବାଲେଶ୍ୱର, ୨୬।୬ :** ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଅରଡ ବଜାରରେ ବ୍ୟବସାୟୀଙ୍କୁ ଗୁଳି କରି ହତ୍ୟା ଘଟଣା ପୂର୍ବ ଯୋଜନାବଦ୍ଧ ଓ ଷଡ଼ଯନ୍ତ୍ରମୂଳକ ବୋଲି ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର କହିଛନ୍ତି। ଘଟଣାର ତଦନ୍ତ ପାଇଁ ୪ଟି ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଡିଆଇଜି ଶ୍ରୀ ମିଶ୍ର କହିଛନ୍ତି ଯେ, ହତ୍ୟାକାଣ୍ଡରେ ଦୁଇ ପ୍ରକାର ପିସ୍ତଲ ବ୍ୟବହାର କରାଯାଇଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ଗୁଳି ଚଳାଇଥିଲେ। ପୋଲିସ ହାତରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଲାଗିଥିବା ଏବଂ ବ୍ୟକ୍ତିଗତ ଶତ୍ରୁତା, ବ୍ୟବସାୟିକ ବିବାଦ ଓ ଅନ୍ୟାନ୍ୟ ସମ୍ଭାବ୍ୟ ଦିଗକୁ ନେଇ ତଦନ୍ତ ଚାଲିଥିବା ସେ କହିଛନ୍ତି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଦୁଇ ଜଣ ଦୁର୍ବୃତ୍ତ ବାଇକରେ ଆସି ପ୍ରାୟ ୮ ରାଉଣ୍ଡ ଗୁଳି ଚଳାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସିସିଟିଭି ଫୁଟେଜରେ ସେମାନେ ମୁହଁ ଢାଙ୍କି ଆସି ଗୁଳିମାଡ଼ କରିଥିବା ଦୃଶ୍ୟ କଏଦ ହୋଇଛି। ଏହି ଫୁଟେଜକୁ ଆଧାର କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଉଲ୍ଲେଖଯୋଗ୍ୟ ଯେ, ଗତକାଲି ଦିନ ଦ୍ୱିପ୍ରହରରେ ଅରଡ ବଜାରରେ ଜଣେ ବ୍ୟବସାୟୀଙ୍କୁ ସାର୍ବଜନୀନ ସ୍ଥାନରେ ଗୁଳି କରି ହତ୍ୟା କରାଯାଇଥିଲା। ଏହି ଘଟଣା ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

# ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ରକ୍ତଦାନ ଶିବିର ପ୍ରସ୍ତୁତି




**ବସ୍ତା,୨୬।୬ :** ଚାନସେଲର ରାଉତ ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ସ୍ଥିତ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ଓ ଓଡ଼ିଶା ରକ୍ତଦାତା ସଂଘର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛା ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ସଭାପତି ମହେନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଅନିଲ କୁମାର ସାହୁ ସ୍ୱେଚ୍ଛା ରକ୍ତଦାନ ଶିବିର ଆୟୋଜନର ଆଭି ମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତ୍ୟୁଷ ପ୍ରଧାନ, କିଶୋର କୁମାର ସାହୁ ଓ ସଞ୍ଜୟ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଓ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ଡ.ପ୍ରେମାନନ୍ଦ ସେଠୀ ଯୋଗଦେଇ ସ୍ୱେଚ୍ଛା ରକ୍ତଦାନର ମହତ୍ତ୍ୱ ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ରକ୍ତଦାନ ଶିବିରରେ ରକ୍ତଦାନ କରିଥିବା ବ୍ୟକ୍ତିର ସ୍ୱାସ୍ଥ୍ୟଗତ ଉନ୍ନତି ହେବା ସହ ସେ ଜୀବନ ବଞ୍ଚାଇବାରେ ସହାୟକ ହୋଇଥାନ୍ତି ବୋଲି ଏହିଡ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି ।ଏହି ଶିବିର ଚଳିତ ଜୁନ୍ ମାସ ୨୮ ତାରିଖ ରବିବାର ଦିନ ସକାଳ ୧୦ ଘଟିକାରୁ ୨ ଘଟିକା ପର୍ଯ୍ୟନ୍ତ ହଳଦୀପଦା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ସଭାପତି ଶ୍ରୀଯୁକ୍ତ ସାହୁ ସୂଚନା ପ୍ରଦାନ କରିଛନ୍ତି ।ଭବାନୀ ଶଙ୍କର ନାୟକ, ରୁଦ୍ର ନାରାୟଣ ସାହୁ ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଶୋକ କୁମାର ସାହୁ, ଶୁଭଙ୍କର ସାହୁ ଓ ରୁଦ୍ର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଶିବିରରେ ସ୍ୱେଚ୍ଛା ରକ୍ତଦାତା ମାନଙ୍କୁ ଯୋଗ ଦେଇ ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ବ୍ୟାସ କବି ସାଂସ୍କୃତିକ ଅନୁଷ୍ଠାନ ତରଫରୁ ନିବେଦନ କରାଯାଇଛି। ଶେଷରେ ସଦସ୍ୟ ଆଦିତ୍ୟ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ




**କୋଟପାଡ଼,୨୬।୬ :** କୋରାପୁଟ ଜିଲ୍ଲା କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଠାରେ ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ନାରାୟଣ ନାୟକଙ୍କ ଯୋଗଦାନ,ସେ ଏଥି ପୂର୍ବରୁ ମାଲକାନଗିରି ଜିଲ୍ଲା ମୋଟୁ ତହସିଲ କାର୍ଯ୍ୟାଳୟ ଠାରେ ତହସିଲଦାର ଭାବରେ କାର୍ଯ୍ୟରତ ଥିଲେ, ଶ୍ରୀ ସନିଆ ନାୟକ କୋଟପାଡ଼ ଏନ.ଏ.ସି ଠାରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବରେ ଯୋଗଦାନକରି ବହୁ ସୁନ୍ଦର ପଦକ୍ଷେପ ନେଇ କୋଟପାଡ଼ ଅଞ୍ଚଳର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକରି କୋଟପାଡ଼ ଅଞ୍ଚଳର ବିଭିନ୍ନ ଅଭିଯୋଗ ଗୁଡିକର ସମାଧାନ କରି ପ୍ରଶଂସା ସାଉଁଟି ଥିଲେ,ତାଙ୍କର ଜୟପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ସହକାରୀ ଜିଲ୍ଲାପାଳ ଭାବରେ ବଦଳି ପରେ ଶ୍ରୀ ନାରାୟଣ ନାୟକ ଯୋଗଦାନ କରିଥିଲେ,ଆଜି ଏହି ପରିପେକ୍ଷୀରେ କୋଟପାଡ଼ ଭାରତ ମିଡ଼ିଆ ଆସସେସିୟନ ସଙ୍ଘ ତରଫରୁ ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ କରାଯାଇଥିଲା,ଆଜିର ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ସଙ୍ଘର ସଭାପତି ଅଜୟ କୁମାର ମିଶ୍ର,ଉପସଭାପତି ସୁନୀଲ କୁମାର ଦାସ,ସଦସ୍ୟ ସୁଶାନ୍ତ କୁମାର ଦାସ,ବିଜୟ କୁମାର ମିଶ୍ରଙ୍କ ସହିତ ସଙ୍ଘର ସମସ୍ତ ମିଡ଼ିଆ ବନ୍ଧୁମାନେ ଉପସ୍ଥିତ ଥିଲେ,ଆଗାମୀ ଦିନରେ କୋଟପାଡ଼ ଅଞ୍ଚଳର ସମସ୍ତ ଉନ୍ନତି ମୂଳକ କାର୍ଯ୍ୟକରି କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ସବୁଜ ଓ ସୁନ୍ଦରରେ ଆଗକୁ ନେବାପାଇଁ କୋଟପାଡ଼ ଅଞ୍ଚଳବାସୀଙ୍କୁ ନୂତନ ଇଓ ଶ୍ରୀ ନାରାୟଣ ନାୟକ ସହାୟତା କାମନା କରିଥିଲେ।

# ୨୫ ନାଗ ଛୁଆ ଉଦ୍ଧାର

**ଚିକିଟୀ,୨୬।୬ :** ଗଞ୍ଜାମ ଜିଲ୍ଲା ଚିକିଟୀ ଏନଏସି ଅଞ୍ଚଳରୁ ପ୍ରାୟ ୨୫ଟି ନାଗ ସାପ ଛୁଆ ଉଦ୍ଧାର କରାଯାଇଛି। ସ୍ନେକ ହେଲ୍ପ ଲାଇନ ସଦସ୍ୟ ରାମଚନ୍ଦ୍ର ସାହୁ ଏବଂ ବନ ବିଭାଗର ମିଳିତ ସହଯୋଗରେ ସାପ ଛୁଆଗୁଡ଼ିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଜଙ୍ଗଲରେ ଛାଡି ଦିଆଯାଇଛି। ଚିକିଟୀ ଏନଏସି ଅନ୍ତର୍ଗତ ପଣ୍ଡିତ ରାୟ ସାହି ନିକଟରେ ଥିବା ଏକ ଫାର୍ମରେ ଏକାସାଙ୍ଗରେ ଦେଖିବାକୁ ମିଳିଥିଲା ପ୍ରାୟ ୨୫ଟି ନାଗ ସାପ ଛୁଆ। ଫାର୍ମ ମାଲିକ ମନୁ ସାହୁ କାର୍ଯ୍ୟ କରୁଥିବା ବେଳେ ସାପ ଛୁଆଗୁଡ଼ିକୁ ଦେଖି ଭୟଭୀତ ହୋଇଥିଲେ। ପରେ ସେ ତୁରନ୍ତ ବନ ବିଭାଗ ଓ ସ୍ନେକ ହେଲ୍ପ ଲାଇନ ସଦସ୍ୟ ରାମଚନ୍ଦ୍ର ସାହୁଙ୍କୁ ଖବର ଦେଇଥିଲେ। ଖବର ପାଇ ରାମଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି ସାବଧାନତାର ସହ ନାଗ ସାପ ଛୁଆଗୁଡ଼ିକୁ ଉଦ୍ଧାର କରିଥିଲେ। ପରେ ବନ ବିଭାଗର ସହଯୋଗରେ ସମସ୍ତ ସାପ ଛୁଆଙ୍କୁ ନିକଟସ୍ଥ ଋଷିଦଲ୍ଲୀ ଜଙ୍ଗଲରେ ସୁରକ୍ଷିତ ଭାବେ ଅବମୁକ୍ତ କରାଯାଇଥିଲା। ବନ ବିଭାଗ ପକ୍ଷରୁ କୁହାଯାଇଛି ଯେ, ବର୍ଷା ଋତୁରେ ସାପମାନେ ବାସସ୍ଥାନ ପରିବର୍ତ୍ତନ କରୁଥିବାରୁ ଜନବସତି ଅଞ୍ଚଳରେ ଦେଖାଦେବା ଘଟଣା ବଢ଼ିଥାଏ।

# ଝାଡେଶ୍ୱର ପୀଠରେ ବେଗୁନିଆପଡ଼ା ବ୍ଲକ ସାମ୍ବାଦିକ ସଂଘ ଗଠିତ



**ବେଗୁନିଆପଡା,୨୬।୬ :** ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକର କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ନେଇ ଏକ ବୈଠକ ଝାଡେଶ୍ୱର ପୀଠରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ମଧ୍ୟାହ୍ନରେ ଅନୁଷ୍ଠିତ ବୈଠକରେ ୧୪ ଜଣ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିବା ବେଳେ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ଓ ତାହାର ସମାଧାନକୁ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ବେଗୁନିଆପଡ଼ା ବ୍ଲକର ସାମ୍ବାଦିକ ମାନଙ୍କୁ ନେଇ ଏକ ସଂଘ ଗଠନ କରାଯାଇଛି। ବାବା ଶ୍ରୀ ଦଣ୍ଡିଶ୍ୱର ସାମ୍ବାଦିକ ସଂଘ ନାମରେ ସଂଘ ଗଠନ କରାଯାଇଛି। ଲଟେରୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା କର୍ମକର୍ତ୍ତା ଚୟନ। ଏଥିରେ ସୂର୍ଯ୍ୟ ନାରାୟଣ ବଡୁ ସଭାପତି ହୋଇଥିବା ବେଳେ କୃଷ୍ଣ ଚନ୍ଦ୍ର ପଲେଇ ସଂପାଦକ, ଭଞ୍ଜ କିଶୋର ମହାରଣା ଉପ ସଭାପତି, ସିମାଞ୍ଚଳ ଦୋରା ଯୁଗ୍ମ ସଂପାଦକ ହୋଇଛନ୍ତି। ସେହିପରି ସୁଶାନ୍ତ କୁମାର ପଟ୍ଟନାୟକ କୋଷାଧ୍ୟକ୍ଷ ହୋଇଥିବା ସୂଚନା ମିଳିଛି। ସମସ୍ତ ସାମ୍ବାଦିକ ଏକତା ରକ୍ଷା କରି ସଂଘର କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ସମାଜର କଲ୍ୟାଣ ଦିଗରେ କାର୍ଯ୍ୟ କରିବା ନେଇ ନିଷ୍ପତ୍ତି ହୋଇଛି। ପ୍ରତି ବର୍ଷ ସଂଘର କର୍ମକର୍ତ୍ତା ଚୟନ ଲଟେରୀ ମାଧ୍ୟମରେ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥି ସହିତ ପ୍ରତି ମାସକୁ ଥରେ ଗୋଟିଏ ବୈଠକ ସଂଘର ଅନୁଷ୍ଠିତ ହେବ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ବିଜୟ କୁମାର ନାୟକ, ଦେବାଶିଷ ମହାରଣା, ବାପୁନୀ କୁମାର ମାଲୁ, ଗୁଲସନ୍ କର, ଭଗବାନ ପାଢୀ, ସନ୍ତୋଷ ସାହୁ, ଟୁକୁନା ପ୍ରଧାନ, ଜଗବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳସେଚନ ବିଭାଗରେ ପ୍ରାୟ ୧୨.୫କୋଟିର ଟେଣ୍ଡର ଜାଲିଆତି ଅଭିଯୋଗ

- ଜାଲ ଦସ୍ତଖତ କୁ ନେଇ ତେଜୁଛି ଠିକାଦାର ସଙ୍ଘର ଅସନ୍ତୋଷ
- ଜୟପାଟଣା ଲିଙ୍କ କୁ ନେଇ ଚର୍ଚ୍ଚା ଜୋର ଧରିଲା।
- ତଦନ୍ତ ପରିସରକୁ ଆସିବେ କି ଠିକାଦାର ଗଣେଶ ନାଏକ

**ଭବାନୀପାଟଣା,୨୬।୬ :** ଜଳସେଚନ ବିଭାଗରେ ପ୍ରାୟ ୧୨.୫କୋଟିର ଟଙ୍କାର ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଦସ୍ତଖତ ଜାଲିଆତି ହୋଇଥିବା ନେଇ ଏକ ସଂଗୀନ ଅଭିଯୋଗ ସାମ୍ନାକୁ ଆସିଥିଲା। ଠିକାଦାର ସଙ୍ଘ କଳାହାଣ୍ଡି ଜିଲ୍ଲାପାଳ ସମେତ କଳାହାଣ୍ଡି ଆରକ୍ଷୀ ଅଧିକ୍ଷକ, ରାଜ୍ୟ ପୋଲିସ ଡିଜି, ମୁଖ୍ୟ ସଚିବ ଜଳ ସମ୍ପଦ ବିଭାଗ (ଭୁବନେଶ୍ୱର), ସର୍ବୋଚ୍ଚ ଯନ୍ତ୍ରୀ ଜଳ ସମ୍ପଦ ବିଭାଗ (ଭୁବନେଶ୍ୱର), ମୁଖ୍ୟ ଯନ୍ତ୍ରୀ ତେଲ ବେସିନ (ଭବାନୀପାଟଣା), ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ କଳାହାଣ୍ଡି, ଜଳ ସେଚନ ବିଭାଗ, ଅଧିକ୍ଷକ ଯନ୍ତ୍ରୀ ଭବାନୀପାଟଣାଙ୍କୁ ଏ ନେଇ ଚିଠି କରି ଅବଗତ କରାଇଥିଲେ। ଏହି ଖବର ଗଣମାଧ୍ୟମରେ ପ୍ରସାରିତ ହେବା ପରେ ସମ୍ପୃକ୍ତ ଠିକାଦାର ଗଣେଶ ନାଏକ ଅଥବା ତାଙ୍କର କୌଣସି ସମ୍ପର୍କୀୟ ସକାଳ ୯ ଟା ବାଜି ୧୨ ମିନିଟ ସମୟରେ ୭୦୭୭୬୭୦୩୪୧ ବିଶିଷ୍ଟ ଏକ ମୋବାଇଲ ନମ୍ବର ରୁ ଖବର ପ୍ରସାରିତ କରିଥିବା ଗଣ ମାଧ୍ୟମ ପ୍ରତିନିଧିଙ୍କୁ କଲ କରି କେସ୍? କରିବାର ଧମକ ଦେଇଥିଲେ । ତେବେ ସେ ସମ୍ପୂର୍ଣ୍ଣ ଖବର ପଢ଼ି ଏଭଳି ଧମକ ଦେଉଛନ୍ତି ନା ନ ପଢ଼ି, ତାହାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି ।ଏହି ମାମଲାରେ ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଟେଣ୍ଡର ଦାଖଲ ଦିନକୁ ନେଇ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଯେଉଁ ଦିନ ଟେଣ୍ଡର ଦାଖଲ କରାଯାଇଥିଲା, ସେଦିନ ଠିକାଦାର ମହାଶୟ ଚିକିତ୍ସିତ ହେବା ପାଇଁ ବିଶାଖାପାଟନମ ଯାଇଥିଲେ । ଯଦି ସେ ରାଜ୍ୟ ବାହାରେ ଚିକିତ୍ସିତ ହେଉଥିଲେ, ତେବେ କୋର୍ଟରେ ହୋଇଥିବା ଆଫିଡେଭିଟ୍ ଏବଂ ନୋଟାରୀ ରେଜିଷ୍ଟରରେ ତାଙ୍କ ଦସ୍ତଖତ କଲା କିଏ? ଏହି ସନ୍ଦେହଜନକ ଦସ୍ତଖତର ପ୍ରାଥମିକ ଯାଞ୍ଚ ନିହାନ୍ତ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏହି ଜାଲିଆତି ଘଟଣାକୁ ନେଇ ଏବେ ଏସ୍‌ଟି/ଏସ୍‌ସି ଫୋରମ୍ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଶୁଣିବାକୁ ମିଳୁଛି। ଫୋରମ୍‌ର କର୍ମକର୍ତ୍ତାମାନେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (DG), କଳାହାଣ୍ଡି ଏସ୍‌ପି (SP), ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏବଂ ଭୁବନେଶ୍ୱର ସ୍ଥିତ ଫୋରେନସିକ୍ ବିଭାଗକୁ ଚିଠି ଲେଖି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଅନୁରୋଧ କରିଛନ୍ତି।




ବିଶେଷ କରି ନୋଟାରୀ ରେଜିଷ୍ଟରରେ ଥିବା ହାତଲେଖା ଓ ଦସ୍ତଖତର ଫୋରେନସିକ୍ ଯାଞ୍ଚ କରିବାକୁ ଦାବି ହୋଇଛି ।କେବଳ ଦସ୍ତଖତ ଜାଲିଆତି ନୁହେଁ, ବରଂ ଏହି ଠିକାଦାରଙ୍କ କୋଟି କୋଟି ଟଙ୍କାର କାରବାର ଉପରେ ମଧ ପ୍ରଶ୍ନ ଉଠିଛି। ଲକ୍ଷ ଲକ୍ଷ ଟଙ୍କାର ଟେଣ୍ଡର ନିମନ୍ତେ ବ୍ୟାଙ୍କରେ କେଉଁ ଆକାଉଣ୍ଟରୁ ଟଙ୍କା ଜମା ହେଉଛି? ସେ ବାର୍ଷିକ କେତେ ଟଙ୍କାର ଆୟକର ରିଟର୍ଣ୍ଣ ଦାଖଲ କରୁଛନ୍ତି? ତାଙ୍କ ପାଖରେ ଥିବା ଅର୍ଥ ମଧ୍ୟରୁ କେତେ ପରିମାଣର ବୈଧ ଅର୍ଥ ରହିଛି? ଏହି ସମସ୍ତ ବିଷୟର ସରକାରୀ ସ୍ତରରେ ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ବିଭିନ୍ନ ବର୍ଗର ଲୋକେ ଦାବି କରିଛନ୍ତି। ଅଭିଯୋଗ ପଛରେ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଥିବା ସନ୍ଦେହ କରାଯାଉଛି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ସମ୍ପୃକ୍ତ ଅଧିକ୍ଷକ ଯନ୍ତ୍ରୀଙ୍କ ଭୂମିକା କଣ ରହିଛି ଏବଂ ସେ ଜାଣିଶୁଣି ଏହି ଜାଲିଆତିକୁ ପ୍ରଶ୍ରୟ ଦେଇଛନ୍ତି କି ନାହିଁ, ତାହାର ମଧ ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati
Executive Editor : Satyajit Mohapatra
Managing Editor : Jitendra Ku. Pati